

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୦ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 10 APRIL 2023

Vol.No. 34 ■ No. 94 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଘ ସଂଖ୍ୟା ଘୋଷଣା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୦୯/୦୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ବାଘ ଗଣନା ପରେ କେତେ ବାଘ ରହିଛନ୍ତି ତାହା ଘୋଷଣା କରିଛନ୍ତି । ଦେଶରେ ବାଘସଂଖ୍ୟା ବୃଦ୍ଧି ପାଇଥିବାରୁ ଏହା ଦେଶପାଇଁ ଗୌରବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେପଟେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବାଘ ସଂଖ୍ୟା ୭୫ ପ୍ରତିଶତ ବୃଦ୍ଧି ପାଇଥିବା କଥା ଜଣାପଡିଛି । ସୂଚନା ଥାଉକି ଆଜି ଦେଶରେ ପ୍ରୋଜେକ୍ଟ ଟାଇଗରକୁ ୫୦ ବର୍ଷ ପୂରଣ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏନେଇ ଦେଶରେ ରହିଥିବା ବାଘସଂଖ୍ୟା ବାବଦରେ ସୂଚନା ଦେଇଛନ୍ତି । ୧୯୭୩ ମସିହାରେ ଜିମକ କଂବେଟ ଟାଇଗର ରିଜର୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରୋଜେକ୍ଟ ଟାଇଗରର ଶୁଭାରମ୍ଭ କରିଥିଲେ । ସେହି ସମୟରେ ଦେଶରେ ବାଘ ସଂଖ୍ୟା ୨୬୮ରୁ କମ୍ ଥିଲା । ହେଲେ ୫୦ ବର୍ଷ ପରେ ଏବେ ଦେଶରେ ଟାଇଗର ରିଜର୍ଭ ସଂଖ୍ୟା ୫୩ରେ ପହଂଚିଥିବା ବେଳେ ବାଘ ସଂଖ୍ୟା ୩,୧୬୭ରେ ପହଂଚିଛି ।

## ମେ’ ମାସ ଶେଷ ସୁଦ୍ଧା ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ : ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ


ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଆସନ୍ତା ମେ’ ମାସ ଶେଷ ସୁଦ୍ଧା ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇପାରେ । ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆସନ୍ତାକାଲିଠାରୁ ପ୍ରଥମ ପର୍ଯ୍ୟାୟ ଖାତାଦେଖା ଆରମ୍ଭ ହେବ । ଏପ୍ରିଲ ୨୩ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଖାତାଦେଖା ଚାଲିବ । ତାପରେ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ମେ ୭ରେ ସରିବ । ମେ ୭ରେ ଖାତା ଦେଖା ସରିବା ପରେ ପରେ ଟାବୁଲେସନ ପ୍ରକ୍ରିୟା ହେବ । ଫଳରେ ମେ ଶେଷ ସୁଦ୍ଧା ଫଳାଫଳ ପ୍ରକାଶ ପାଇବାର ସମ୍ଭାବନା ଥିବା ସେ ସୂଚନା ଦେଇଛନ୍ତି । ଚଳିତ ଥର ୬୫ଟି ଅଫଲାଇନ୍ ସେଂଟର ଓ ୩୯ ଅନଲାଇନ୍ ସେଂଟରରେ ଖାତାଦେଖା ହେବ । ଶିକ୍ଷକମାନେ ଖାତା ଦେଖାରେ ସହଯୋଗ କରୁଥିବାରୁ ଶ୍ରୀ ଦାଶ ଧନ୍ୟବାଦ ଜଣାଇଛନ୍ତି ।

## ଭାରତରେ ସଂକ୍ରମଣ ବଢୁଛି

ନୂଆଦିଲ୍ଲୀ, ୦୯/୦୪ : ବିଗତ କିଛି ସପ୍ତାହ ହେଲାଣି ଭାରତରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଦୈନିକ ସଂକ୍ରମଣ ୬ ହଜାର ପାର କରିଛି । ହେଲେ ଆମେରିକା ଓ ୟୁରୋପ ତୁଳନାରେ ଭାରତର ସ୍ଥିତି ଯଥେଷ୍ଟ ଭଲ ରହିଛି । ସଂକ୍ରମଣ ବଢୁଥିଲେ ମଧ୍ୟ ସ୍ଥିତି ଆଦୌ ଚିନ୍ତାଜନକ ନାହିଁ । ନ୍ୟୁଜିଲ୍ୟାଣ୍ଡ, ଫ୍ରାନ୍ସ, ଦକ୍ଷିଣ କୋରିଆ, ଆମେରିକା ଓ ବ୍ରିଟେନ ଭଳି ଦେଶ ଠାରୁ ଭାରତରେ ସଂକ୍ରମଣ ସଂଖ୍ୟା ବେଶ କମ । ଭାରତରେ ପ୍ରତି ୧ ମିଲିନୟ ଅର୍ଥାତ ୧୦ ଲକ୍ଷ ଲୋକରେ ମାତ୍ର ୨ ଜଣ କରୋନାରେ ସଂକ୍ରମିତ ହେଉଛି । ହେଲେ ଆମେରିକା ଓ ୟୁରୋପରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ରହିଛି । ଏପ୍ରିଲ ୬ ସୁଦ୍ଧା ourworldindata.orge ତଥ୍ୟ ଅନୁଯାୟୀ, ନ୍ୟୁଜିଲ୍ୟାଣ୍ଡରେ ପ୍ରତି ୧୦ ଲକ୍ଷ ଲୋକରେ ୨୯୩ ଜଣ କରୋନାରେ ସଂକ୍ରମିତ ହେଉଥିବା

▶▶ପୃଷ୍ଠା ୭

## କ୍ୟାବିନେଟ୍ ବୈଠକରେ ୭ଟି ପ୍ରସ୍ତାବ ଉପରେ ବାଜିଲା ମୋହର



ଭୁବନେଶ୍ୱର, ୦୯/୦୪ (ନି.ପ୍ର): କ୍ୟାବିନେଟ୍ ବୈଠକରେ ୭ଟି ପ୍ରସ୍ତାବ ଉପରେ ବାଜିଲା ମୋହର । ପ୍ରବାସୀ ଓଡିଆଙ୍କ ସୁବିଧା ପାଇଁ ଖୋଲିବ ନୂଆ ନିର୍ଦ୍ଦେଶାଳୟ । ରାଜ୍ୟ ଓ ଦେଶ ବାହାରେ ରହୁଥିବା ଓଡିଆଙ୍କ ପାଇଁ ଓଡିଶା ପରିବାର ନିର୍ଦ୍ଦେଶାଳୟ ଖୋଲାଯିବା ପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି ।ଏହା ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ରହିଛି । ବିଦେଶରେ ଓଡିଶାର ଭାଷା, ସଂସ୍କୃତି ଓ ଐତିହ ପ୍ରଚାର ଦିଗରେ ଏହା କାମ କରିବ । ରାଜ୍ୟ ଯୋଜନା ଅର୍ନ୍ତଭୁକ୍ତ କୃଷକ ସଂଗଠନ ଗୁଡିକୁ ସହାୟତା ଉଦ୍ଦେଶ୍ୟରେ ଆଗାମୀ ୫ବର୍ଷ ପାଇଁ ୩ଶହ ୧୩କୋଟି ୬୧ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି । ହଜାରରେ ଉର୍ଦ୍ଧ କୃଷକ ଉତ୍ପାଦକ ସଂଗଠନ ୩ଲକ୍ଷରୁ ଅଧିକ ଚାଷୀଙ୍କୁ ସାମିଲ କରି ଋଣ ସଂଯୋଗୀକରଣ , ଆର୍ଥିକ ବୈଷୟିକ ଓ ଭିତିଭୂମି ସହାୟତା ସହ ଏକତ୍ରିକରଣ ଓ ବଜାର ସଂଯୋଗୀକରଣ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧିରେ ସାହାଯ୍ୟ କରିବ । ସେହିପରି ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମକୁ କ୍ୟାବିନେଟରେ ଅନୁମୋଦନ କରାଯାଇଛି । ସେପଟେ ୭ଟି ଗ୍ରାମୀଣ ପାଇପ ଜଳ ପ୍ରକଳ୍ପକୁ କ୍ୟାବିନେଟର ମଂଜୁରୀ । ଜାପାନଗସ୍ତରେ ଥିବା ଯୋଗୁଁ ଭର୍ଚୁଆଲରେ ଉପସ୍ଥିତ ରହିଲେ ମୁଖ୍ୟମନ୍ତ୍ରୀ ନବୀନ ।

## ନିର୍ବାଚନ ପୂର୍ବରୁ ରାଜସ୍ଥାନ କଂଗ୍ରେସର ବିଦ୍ରୋହ



ନୂଆଦିଲ୍ଲୀ, ୦୯/୦୪ : ରାଜସ୍ଥାନର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ଯୁବନେତା ସଚ୍ଚିନ ପାଇଲଟ ପୁଣିଥରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି । ପାଇଲଟ ଏବେ ଗେହଲଟଙ୍କ ଉପରେ ଅଭିଯୋଗ ଆଣିଛନ୍ତି କି ଗେହଲଟ ବିଜେପି ନେତାଙ୍କୁ ରକ୍ଷା କରିବା କାମରେ ଲାଗିପଡିଛନ୍ତି । ପାଇଲଟ ଅଶୋକ ଗେହଲଟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଦରାରାଜେ ସିନ୍ଧିଆଙ୍କ ଭିତିରି ମେଣ୍ଟ ରହିଥିବା କଥା ଅଭିଯୋଗ କରିଛନ୍ତି । ପାଇଲଟ କହିଛନ୍ତି କି ବିଜେପି ରାଜ୍ୟରେ ଯେତେ ଦୁର୍ନୀତି କରିଥିଲା ସେସବୁ ମାମଲାକୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଚପାଇ ଦେଇଛନ୍ତି । ପାଇଲଟ କହିଛନ୍ତି କି ରାଜସ୍ଥାନ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା କି ସରକାରକୁ ଆସିଲେ ସମସ୍ତ ଦୁର୍ନୀତି ମାମଲାର ଯାଂଚ ହେବ । ହେଲେ ସରକାରକୁ ଆସିବା ପରେ ଗେହଲଟ ଏସବୁ କଥା ଭୁଲି ଯାଇଛନ୍ତି । ଏନେଇ ସେ ଏପ୍ରିଲ ୧୧ ତାରିଖରେ ସହିଦ ସ୍ମାରକୀ ଠାରେ ଗେହଲଟଙ୍କ ବିରୋଧରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ପାଇଲଟ କହିଛନ୍ତି କି, କେନ୍ଦ୍ର ସରକାର ବିରୋଧୀଦଳ ନେତାଙ୍କୁ ଟାର୍ଗେଟ କରିବାକୁ ଯାଇ ମିଥ୍ୟା ମାମଲାରେ ଯାଂଚ ଏଜେନ୍ସି ମାନଙ୍କୁ ବ୍ୟବହାର କରୁଥିବା ବେଳେ ରାଜସ୍ଥାନରେ ପ୍ରକୃତରେ ହୋଇଥିବା ଦୁର୍ନୀତି ମାମଲାରେ ଯାଂଚ କରାଯାଉ ନାହିଁ । ଏହାର କାରଣ ହେଉଛି ଅଶୋକ ଗେହଲଟ ଓ ବସୁନ୍ଧରା ରାଜେ ସିନ୍ଧିଆଙ୍କ ମେଣ୍ଟ ବୋଲି ପାଇଲଟ ଅଭିଯୋଗ କରିଛନ୍ତି ।

## ୫୧ ପ୍ରତିଶତ ଭୋଟ୍ ଉପରେ ବିଜେପିର ଟାର୍ଗେଟ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କସହ ଭେଟିବା ପରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ସେ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ ପାଇଁ ପ୍ଲାନ ଅଛି । କେନ୍ଦ୍ରରେ ପୁଣି ବିଜେପି ସରକାର କରିବ, ଓଡିଶାରେ ବି ସରକାର ପରିବର୍ତ୍ତନ ହେବ । ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ ରହିଛି । ୫୧ ପ୍ରତିଶତରୁ ଅଧିକ ଭୋଟ୍ ପାଇଁ ବିଜେପି ଟାର୍ଗେଟ ରହିଛି ବୋଲି ମନମୋହନ ସାମଲ ପ୍ରତିକ୍ରିୟାରେ କହିଛନ୍ତି । ଅନ୍ୟପଟେ ସେ ଆହୁରି ମଧ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓ ବରିଷ୍ଠ ନେତାଙ୍କୁ ଭେଟିଛି । ଆଗାମୀ ଦିନରେ ଓଡିଶାରେ ସରକାର କରିବା ପାଇଁ ସହଯୋଗ ଦେବେ ବୋଲି କେନ୍ଦ୍ରୀୟ ନେତା ମାନେ କହିଛନ୍ତି । ତାଙ୍କ ପାଖରେ ଓଡିଶାର ସ୍ଥିତି ବିଷୟରେ ତଥ୍ୟ ଅଛି । ଓଡିଶା ଲୋକ ସରକାର ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଦିଲ୍ଲୀ ନେତା ଜାଣିଛନ୍ତି । ନେତା ମାନେ ଖୋଲା ହୃଦୟରେ ସହାୟତା କରିବେ ବୋଲି କେନ୍ଦ୍ରୀୟ ନେତା ପ୍ରତିଶୃତି ଦେଇଛନ୍ତି । ଦିଲ୍ଲୀ ଗସ୍ତ ସଫଳ ହୋଇଛି, କେନ୍ଦ୍ରୀୟ ନେତୃତ୍ୱ ସିରିୟସ୍ ଅଛନ୍ତି ବୋଲି କହିଛନ୍ତି ରାଜ୍ୟ ବିଜେପିର ନୂଆ ମଙ୍ଗୁଆଲ ମନମୋହନ ସାମଲ । ସେପଟେ କର୍ଣ୍ଣାଟକ ନିର୍ବାଚନରେ ବ୍ୟସ୍ତତା କାରଣରୁ ଜେ. ପି. ନଡ୍ଡାଙ୍କ ସହ ଭେଟ ହୋଇନାହିଁ । କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ ପାଇଁ ପ୍ଲାନ ଅଛି । ପର୍ମିଟେସନ୍ ଆଉ କମ୍ବିନେସନର ଆବଶ୍ୟକତା ନାହିଁ, ୫୧ ପ୍ରତିଶତରୁ ଅଧିକ ଭୋଟ ମିଳିଲେ ସରକାର ହୋଇଯିବ । ବିଜେପିକୁ କ୍ଷମତାରୁ ରୋକିବା ପାଇଁ ବିଜେଡ଼ି ଅପପ୍ରଚାର କରୁଛି ବୋଲି ସେ କହିଛନ୍ତି ।

## ରମାଦେବୀରେ ଭୁଷୁଡିଲା ନୂଆ ପାଚେରୀ : ଦୁଇମାସ ବି ଗଲାନି ନିର୍ମାଣ କାମ



ଭୁବନେଶ୍ୱର, ୦୯/୦୪ (ନି.ପ୍ର): ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ରମାଦେବୀ ବିଶ୍ୱବିଦ୍ୟାଳୟରେ ବି ହେଉଛି ନିମ୍ନମାନର କାମ । ନିର୍ମାଣର ଦୁଇମାସ ନ ହେଉଣୁ ମୁଖ୍ୟରାସ୍ତା ପଟେ ଥିବା ଏହି ପାଚେରୀ ଭାଙ୍ଗି ବିଶ୍ୱବିଦ୍ୟାଳୟ ବଗିଚାରେ ପଡିଛି । ପ୍ରାୟ ୧୦୦ ଫୁଟ ଲମ୍ବ ଓ ୧୨ ଫୁଟ ଉଚ୍ଚର ପାଚେରୀ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ତେବେ ସୌଭାଗ୍ୟବଶତଃ ପାଚେରୀ ଭୁଶୁଡିବା ସମୟରେ ସେଠାରେ କେହି ଉପସ୍ଥିତ ନଥିଲେ । ତେଣୁ ଏଥିରେ କେହି ହତାହତ ହୋଇନାହାନ୍ତି । ନିଜେ କୁଳପତି ବି ଅଭିଯୋଗ କରିଛନ୍ତି, କାମ ନିମ୍ନମାନର ହୋଇଥିଲା । କାନ୍ଥ ପାଖରେ ପାଣି ଶୋକିଙ୍ଗ ହେଉଥିଲା । ଏନେଇ ବିଏମସି ଓ ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲୁ । ପାଚେରୀ ନିର୍ମାଣ ସମୟରେ ବିମ ନଥିଲା କି ପାଚେରୀ ନଥିଲା । ଏନେଇ ଠିକା କର୍ମଚାରୀଙ୍କୁ ପଚରାଉଚରା କରାଯିବ । ଦୁଇମାସ ତଳେ ମୁଖ୍ୟରାସ୍ତା କଡରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ପାଚେରୀ ନିର୍ମାଣ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶ୍ୱବିଦ୍ୟାଳୟରେ ସମାବର୍ତନ ଉତ୍ସବରେ ଯୋଗଦେବାକୁ ଆସିଥିବାବେଳେ ନିମ୍ନମାନର କାମ କରାଯାଇଥିବା ଅଭିଯୋଗ ହୋଇଛି । ଯେଉଁଠାରେ ପାଚେରୀ ଭୁଷୁଡିଛି ସେଠାରେ ଛାତ୍ରୀମାନେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଆଉ ତା ପୂର୍ବରୁ ହିଁ ପାଚେରୀ ଭୁଷୁଡିଯାଇଛି । ବିଏମସି କମିଶନର କହିଛନ୍ତି, ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି । ଏ ନେଇ ବିଏମସି କର୍ତ୍ତୃପକ୍ଷ ପଦକ୍ଷେପ ନେବେ ।

## ବାବୁଙ୍କୁ ନେଇ ବିଶ୍ୱେଶ୍ୱରଙ୍କ ବିବାଦୀୟ ବୟାନ: ଅଧିକାରୀଙ୍କୁ ଡକାୟତ ସହ କଲେ ତୁଳନା !



ଭୁବନେଶ୍ୱର, ୦୯/୦୪ (ନି.ପ୍ର): ପୁଣିଥରେ ସରକାରୀ ଅଧିକାରୀଙ୍କୁ ନେଇ ବିବାଦୀୟ ବୟାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ସରକାରୀ ଅଧିକାରୀଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀଙ୍କ ଅସନ୍ତୋଷ ଚର୍ଚ୍ଚାରେ ରହି ଆସିଛି । ଏପରିକି ସରକାରୀ ଅଧିକାରୀଙ୍କୁ ମାଡମାରିଥିବା ଅଭିଯୋଗ ମଧ୍ୟ ତାଙ୍କ ବିରୋଧରେ ରହିଛି । ଏବେ ଡକାୟତ ବୋଲି ଆକ୍ଷେପ କରି ବିବାଦକୁ ଆହୁରି ତେଜିଛନ୍ତି ବିଶେଶ୍ୱର । ଶନିବାର ଦିନ ବାଲେଶ୍ୱରର ବାଲିଆପାଳ ଜାମକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସେ ଯୋଗ ଦେଇଥିଲେ । ଏହି ଅବସରରେ ବାବୁଙ୍କ ଉପରେ ବର୍ଷିଥିଲେ କେନ୍ଦ୍ରମନ୍ତ୍ରୀ । ବାଲିଆପାଳରେ ଏଭଳି ବୟାନ ଦେଇ ପୁଣିଥରେ ବିବାଦୀୟ ହୋଇ ପଡିଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ଜଣେ କେନ୍ଦ୍ରମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଶୋଭନୀୟ ବୋଲି କହିଛନ୍ତି ବୁଦ୍ଧିଜୀବୀ । ସେପଟେ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର କହିଛନ୍ତି, ରାଜ୍ୟରେ ଏବେ ଯେଉଁ ବାବୁ ପ୍ରଥା ଚାଲିଛି, ତାହାକୁ ନଜରରେ ରଖି କେନ୍ଦ୍ରମନ୍ତ୍ରୀ ଏଭଳି କହିଥାଇ ପାରନ୍ତି । ସରକାରୀ ଅଧିକାରୀଙ୍କ ପ୍ରତି କଡ଼ା ଆଭିମୁଖ୍ୟ ରଖି ଆସିଛନ୍ତି ମୟୂରଭଂଜ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ । ଜନ ପ୍ରତିନିଧିଙ୍କୁ ଅଧିକାରୀ ସମ୍ମାନ ଜଣାଉନଥିବା ନେଇ ଅନେକ ଥର ସେ ଅଭିଯୋଗ କରିଛନ୍ତି । ପୂର୍ବରୁ ସରକାରୀ ଅଧିକାରୀଙ୍କୁ ମାଡ ମାରିବା କହି ବିବାଦରେ ରହିଥିବା ବେଳେ ଏବେ ଡକାୟତ ସହ ତୁଳନା, ବିବାଦରେ ଘିଅ ଢ଼ାଳିବା ସଦୃଶ୍ୟ ହୋଇଛି ।

## ମୟୁରଭଞ୍ଜ ନକଲି ନୋଟ୍ କାରବାର ର୍ୟାକେଟ୍ର ପର୍ଦ୍ଦାଫାସ୍ : ମହିଳା କାର୍ପଟଦାରଙ୍କ ସହ ୪ ଗିରଫ



ଭୁବନେଶ୍ୱର, ୦୯/୦୪ (ନି.ପ୍ର): ମୟୁରଭଞ୍ଜ ବାରିପଦାରେ ନକଲି ନୋଟ କାରବାର ରାକେଟର ପର୍ଦ୍ଦାଫାସ । ଘଟଣାର କିଙ୍ଗପିନ୍ ଜଣେ ମହିଳାଙ୍କ ସହ ୪ ଜଣଙ୍କୁ ଗିରଫ କରିଛି ବାରିପଦା ସଦର ଥାନା ପୋଲିସ୍ । ନିଜକୁ ଆଭିଜାତ୍ୟସମ୍ପନ୍ନ ବ୍ୟକ୍ତି ଭାବେ ଦର୍ଶାଇ ଲୋକଙ୍କୁ ଠକୁଥିଲେ ମହିଳା ଓ ତାଙ୍କ ସ୍ୱାମୀ । ୩ ଲକ୍ଷ ଦେଲେ ୧୦ ଲକ୍ଷ ମିଳିବ ବୋଲି ଲୋଭ ଦେଖାଇ ଲୋକଙ୍କୁ କରୁଥିଲେ ଠକେଇ । ନିଜ ଏଜେଣ୍ଟ ମାନଙ୍କ ସହଯୋଗରେ ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ । ଗିରଫ ଅଭିଯୁକ୍ତ ହେଲେ କୁଳିଅଣା ଥାନା ଅଞ୍ଚଳର ରଞ୍ଜିତା ନାୟକ , ସହଯୋଗୀ ଗଜେନ୍ଦ୍ର ବେହେରା , ଲୁଟା ବେହେରା ଓ ସୁକରାମ ସିଂ । ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ ବୋଲେରୋ , ସ୍କର୍ପିଓ ଗାଡି ସହ ୩ ବିଡା ନକଲି ନୋଟ ଓ ୩ ଟି ମୋବାଇଲ୍ ଫୋନ ଜବତ ହେଇଛି । ମୟୁରଭଞ୍ଜରେ ଏବେ ସକ୍ରିୟ ହୋଇଛି ନକଲି ନୋଟ କାରବାର ରାକେଟ୍ । ତେବେ ଏକ ଅପହରଣ ମାମଲାର ତଦନ୍ତ ବେଳେ ଏହି ଜାଲ ନୋଟ କାରବାର ଘଟଣା ସାମ୍ନାକୁ ଆସିଥିଲା । ମହିଳାଙ୍କ ଏଜେଣ୍ଟ ଭାବେ କାମ କରୁଥିବା ବାରିପଦା ରଙ୍ଗାମାଟିଆ ଅଞ୍ଚଳର ଗଜେନ୍ଦ୍ର ବେହେରା ବଡସାହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ପ୍ରଲୋଭିତ କରି ୩ ଲକ୍ଷ ଟଙ୍କା ନେଇ ଯାଇଥିଲେ । ଯାହାପରେ ପୋଲିସ୍ ମାମଲାର ତଦନ୍ତ କରିବା ସମୟରେ ଜାଲ ନୋଟ୍ କାରବାରର ରହସ୍ୟ ବିଷୟରେ ଜାଣିବାକୁ ପାଇଥିଲା । ତେବେ ମୁଖ୍ୟ ଅଭିଯୁକ୍ତ ରଞ୍ଜିତାଙ୍କ ସ୍ୱାମୀ ଏବେ ବି ଫେରାର ଅଛି । ଅନ୍ୟପଟେ ଅଭିଯୁକ୍ତମାନେ ନକଲି ଟଙ୍କା କେଉଁଠୁ ଆଣୁଥିଲେ ସେ ସଂକ୍ରାନ୍ତରେ ଅଧିକ ଛାନଭିନ୍ କରୁଛି ପୋଲିସ୍ ।

## ଦଣ୍ଡନାଚ ବେଳେ ନଗ୍ନତାକୁ ନେଇ ତେଜୁଛି ବିବାଦ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଦଣ୍ଡନାଚ ବେଳେ ନଗ୍ନତାକୁ ନେଇ ତେଜୁଛି ବିବାଦ । ପ୍ରବଳ ବିରୋଧ ପରେ ବ୍ରହ୍ମପୁର ଆଙ୍କୁଳିରେ ବନ୍ଦ ହୋଇଛି ନିଶା ମହାରଣାଙ୍କ କାର୍ଯ୍ୟକ୍ରମ । ଗତକାଲି ଚର୍ଚ୍ଚିତ କଳାକାର ନିଶା ମହାରଣା ଆଙ୍କୁଳି ଯିବାର ଥିଲା । ଏମିତି କି ନିଶା ମହାରଣା ଭିଡିଓ ଜାରି କରି ସୂଚନା ଦେଇଥିଲେ । ହେଲେ ଦଣ୍ଡନାଚରେ ନଗ୍ନତାକୁ ନେଇ ବିବାଦ ଉପୁଜିବାରୁ ନିଶା ମହାରଣାଙ୍କ କାର୍ଯ୍ୟକ୍ରମକୁ ବାତିଲ୍ କରାଯାଇଥିଲା । ଏହା ପୂର୍ବରୁ ଭଞ୍ଜନଗର ଭେଜିପୁଟରେ ପଞ୍ଚୁଦଣ୍ଡ ସମୟରେ ବିବାଦ ସୃଷ୍ଟି ହୋଇଥିଲା । ମଞ୍ଚ ଉପରେ ଚଢ଼ିଥିଲେ ଚର୍ଚ୍ଚିତ କଳାକାର ରାଣୀ ପଣ୍ଡା । ମଞ୍ଚ ଉପରେ ଚଢ଼ିବା ପରେ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ଉତ୍ସାହ ଭିତରେ କେତେବେଳେ ଠେଲାପେଲା ଆରମ୍ଭ ହୋଇଗଲା, ତାହା ଜାଣି ବି ହେଲାନାହିଁ । ଆଉ ଏହି ଠେଲାପେଲା ପାଇଁ ମାରପିଟ୍ ଭଳି ଘଟଣା ସାମ୍ନାକୁ ଆସିଛି । ଠେଲାପେଲା ଭିତରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଥିଲା । ଗୋଷ୍ଠୀ ସଂଘର୍ଷରେ ବ୍ୟାପକ ଭଙ୍ଗାରୁଜା ସହ ସେଠାରେ ଉପସ୍ଥିତ ଥିବା ଲୋକେ ଆହତ ହୋଇଛନ୍ତି । ପରବର୍ତ୍ତୀ ସମୟରେ ପୋଲିସ ଓ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଗୋବରା, ତୁରୁମ ଓ ନୂଆଁ ମହୁଲିଆରେ ରକ୍ତାକ୍ତ ସଂଘର୍ଷ ହୋଇଥିବା ଜଣାପଡ଼ିଥିଲା । ସେହିପରି ଗତ ଫେବୃୟାରୀ ମାସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଅଭିନେତା ପପୁ ପମପମ୍‌ଙ୍କ ଉପରେ ପଥର ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତେଜନା ସୃଷ୍ଟି ହୋଇଥିଲା । ଗଞ୍ଜାମ ଚିକିଟି ବ୍ଲକ୍ ସୁରଳ ଗାଁରେ ଜାଗରଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତିଥି ହୋଇ ଯାଇଥିଲେ ପପୁ ପମପମ । ଏହି ସମୟରେ ମଞ୍ଚ ଉପରକୁ ପଥର ମାଡ଼ ହୋଇଥିଲା । ତେବେ ମାତ୍ର କିଛି ଇଞ୍ଚର ବ୍ୟବଧାନରେ ବର୍ତ୍ତିଯାଇଥିଲେ ପପୁ । ସୁରକ୍ଷା ଦୃଷ୍ଟିରୁ ପପୁ କାର୍ଯ୍ୟକ୍ରମ ଅଧାରୁ ପଳାଇ ଆସିଥିଲେ ।

## ବିଜେଡି ନିକଟରେ କଳା ଧନ ଥିବା ଅଭିଯୋଗ ଆଣିଲା ବିଜେପି

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ବିଜୁ ଜନତା ଦଳ ଦେଶରେ ଦ୍ୱିତୀୟ ଧନୀ ଆଂଚଳିକ ଦଳ ହୋଇଥିବା ନେଇ ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ ପକ୍ଷରୁ ଜାରୀ ରିପୋର୍ଟରେ କୁହାଯିବା ପରେ ଭାରତୀୟ ଜନତା ପାର୍ଟି ବିଜେଡିକୁ ଟାର୍ଗେଟ କରିଛି । ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ଏଡିଆର ରିପୋର୍ଟ କେବଳ ସମୁଦ୍ରକୁ ଶଙ୍ଖେ । ଲିଗାଲ ଫଣ୍ଡିଂ ବାଦ ବିଜେଡି ସାଢ଼େ ଚାରି ହଜାର କୋଟିର କଳା ଧନ ରଖିଛି । ବେଆଇନ ଭାବେ ବିଭିନ୍ନ ସୂତ୍ରରୁ ଆଦାୟ ହୋଇଥିବା ସେ ଅଭିଯୋଗ କରିଛନ୍ତି । ବିଶେଷ କରି ରାଜ୍ୟକୁ ବିଭିନ୍ନ ସ୍ତରରେ ଶୋଷଣ କରି ବିଜେଡି ଏହି ଅର୍ଥ ମହଜୁଦ କରିଛି ବୋଲି ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ଶିଳ୍ପ ସଂସ୍ଥା ମାନଙ୍କ ସହ ଚୁକ୍ତି ସ୍ୱାକ୍ଷର କଲା ବେଳେ ସେମାନଙ୍କୁ ଟଙ୍କା ଦେବା ପାଇଁ ଚାପ ପକାଯାଉଥିବାରୁ ଓଡ଼ିଶାକୁ ଶିଳ୍ପାନୁଷ୍ଠାନ ଆସୁ ନାହାନ୍ତି । ଉଲ୍ଲେଖନୀୟ ଯେ ବିଜୁ ଜନତା ଦଳ ଦେଶରେ ଦ୍ୱିତୀୟ ଧନୀ ଆଂଚଳିକ ଦଳ । ତା’ସହ ଆୟରେ ସର୍ବାଧିକ ଅଭିବୃଦ୍ଧି ମଧ୍ୟ ବିଜେଡିର ହୋଇଛି । ଏମିତିକି ବିଜେଡିର ଆୟ, ଅନ୍ୟ ୩୬ଟି ଛୋଟ ବଡ଼ ଆଂଚଳିକ ଦଳଙ୍କ ଆୟର ୨୫.୩୩ ପ୍ରତିଶତ ବୋଲି ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ (ଏଡିଆର୍) ରିପୋର୍ଟରେ ତଥ୍ୟ ପ୍ରକାଶ ପାଇଛି ।

# ଜିଲ୍ଲାରେ ପ୍ରତିଷ୍ଠା ହେବ ଆଉ ଏକ ଶିଳ୍ପାଞ୍ଚଳ : ସୃଷ୍ଟି ହେବ ୫୦ ହଜାର ନିଯୁକ୍ତି



ରାଉରକେଲା, ୯/୦୪ (ନି.ପ୍ର): ରାଉରକେଲା, କଳୁଙ୍ଗା ପରେ କୁଆରମୁଣ୍ଡା ରିଙ୍ଗରେ ପ୍ରତିଷ୍ଠା ହେବାକୁ ଯାଉଛି ଆଉ ଏକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାଞ୍ଚଳ। ୧୩୨ ଏକର ଜାଗାରେ ପ୍ରତିଷ୍ଠା ହେବାକୁ ଯାଉଥିବା ଶିଳ୍ପାଞ୍ଚଳ ଯୁବ ଶିଳ୍ପୋଦ୍ୟୋଗୀଙ୍କୁ ସୁଯୋଗ ମିଳିବ। ଏଥିସହ ସ୍ଥାନୀୟ ଶିଳ୍ପତାଲିମ ପାଇଥିବା ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ମିଳିବ। କେବଳ ସୁନ୍ଦରଗଡ଼ ଜିଲ୍ଲା ନୁହେଁ ଏହାର ଆଖପାଖ ଅଞ୍ଚଳବାସୀଙ୍କ ଆର୍ଥିକ ବିକାଶ ହେବ। ଜିଲ୍ଲାର ପାଖାପାଖି ୫୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୧୩୨ ଏକର ଜାରି ରହିଥିବା ପାଚେରୀ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟାନ୍ୟ କାର୍ଯ୍ୟ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ରାଉରକେଲା ଇଡ଼କୋ ଡିଭିଜନ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଉପସ୍ଥିତ ଥିଲେ ଇଡ଼କୋର ସିଜିଏମ୍ ସୁବାଶ ଚନ୍ଦ୍ର ନାଥ ଶର୍ମା, ରାଉରକେଲା ଇଡ଼କୋ ଡିଭିଜନର ମୁଖ୍ୟ ବିଜୟ କୁମାର ମହାନ୍ତି ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆ ଶିଳ୍ପାଞ୍ଚଳର ଆନୁଷଙ୍ଗିକ ବ୍ୟବସ୍ଥା, ପାଣି ଯୋଗାଣ, ଆଲୋକୀକରଣ, ଡ୍ରେନେଜ ବ୍ୟବସ୍ଥା ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଛି। ଆସନ୍ତା ୧ ବର୍ଷ ମଧ୍ୟରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ନିଆଯାଇଛି। ସେମିତି ମାଲ ପରିବହନ ପାଇଁ ପ୍ରସସ୍ତ ନୂତନରାସ୍ତା ନିର୍ମାଣ କରାଯିବାକୁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଏଥିସହ କଳୁଙ୍ଗା ଶିଳ୍ପାଞ୍ଚଳର ରାସ୍ତା, ଆଲୋକ ବ୍ୟବସ୍ଥା, ନାଳ ଏପରିକି ରାସ୍ତାରେ ବସିଥିବା ଛୋଟ ଛୋଟ ବ୍ୟବସାୟୀମାନଙ୍କ ପାଇଁ ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ସ୍ଥିର ହୋଇଛି। ରେଲୱେ ଲାଇନ ଉପରେ ତିଆରି ହେଉଥିବା ପୋଲ କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ସରକାରଙ୍କ ତରଫରୁ ଯୋଗାଇ ଦେବାକୁ ସିଜିଏମ୍ କହିଥିଲେ। ବିଧାୟକ ଶ୍ରୀ ନାୟକ ନୂତନ ଶିଳ୍ପାଞ୍ଚଳ ପାଇଁ ସମସ୍ତ ସହଯୋଗ କରିବାକୁ ଇଡ଼କୋ ଅଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସିଜିଏମ୍ ଶ୍ରୀ ଶର୍ମା ଇଡ଼କୋ ଦ୍ୱାରା ଆବଣ୍ଟନ କରାଯାଇଥିବା ଜାଗା, କିଛି ଶିଳ୍ପ ଉଦ୍ୟୋଗୀ ଆଜିଯାଏ କିଛି କରିନାହାନ୍ତି, କିଛି ଶିଳ୍ପ ଉଦ୍ୟୋଗୀ ଜାଗା ନେଇ ବିକ୍ରି କରି ପୁନର୍ବାର ଜାଗା ନେଉଛନ୍ତି। କିଛି ଶିଳ୍ପପତି ନିଜ ଶିଳ୍ପକୁ ଭଡା ଆକାରରେ ଲଗାଇ ଅର୍ଥ ଉପାର୍ଜନ କରୁଛନ୍ତି। ଏମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଜିଏମ୍ ନିର୍ଦ୍ଦେଶ ଦେଇଛନ୍ତି। ତେବେ କୁଆରମୁଣ୍ଡାରେ ପ୍ରତିଷ୍ଠା ହେଉଥିବା ନୂଆ ଶିଳ୍ପାଞ୍ଚଳ କେବେ କାର୍ଯ୍ୟକ୍ଷମ ହେଉଛି, ତା' ଉପରେ ଜିଲ୍ଲାବାସୀଙ୍କ ନଜର ରହିଛି।

# ସର୍ବସାଧାରଣ ସ୍ଥାନରେ ଧୂମପାନ ଜରିମାନା ବଢ଼ିବ

ଭୁବନେଶ୍ୱର, ୯/୦୪ (ନି.ପ୍ର): କେନ୍ଦ୍ର ସରକାରଙ୍କ ସିଗାରେଟ୍ ଓ ଅନ୍ୟ ତମାଖୁ ଉତ୍ପାଦ ଆଇନ (କୋଟ୍‌ପା)ରେ ସର୍ବସାଧାରଣ ସ୍ଥାନରେ ଧୂମପାନ, ବିଦ୍ୟାଳୟ ନିକଟରେ ତମାଖୁ ବିକ୍ରି ଓ ୧୮ବର୍ଷରୁ କମ୍ ବୟସର ପିଲା ଧୂମପାନ କରୁଥିଲେ ଏଥିପାଇଁ ୨ଶହ ଟଙ୍କା ଜରିମାନା ରହିଛି। ମାତ୍ର ରାଜ୍ୟ ସରକାର ଏହାକୁ ଆହୁରି କଠୋର ଭାବେ ଅନୁପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ ଆଗକୁ ମହଙ୍ଗା ପଡ଼ିପାରେ। କୋଟ୍‌ପା ଆଇନ ଉଲ୍ଲଙ୍ଘନ ପାଇଁ ଥିବା ଜରିମାନା ରାଶି ବଢ଼ାଇବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର। ଏହି ରାଶିର ପରିମାଣ ୫ଶହରୁ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ। ଏଥିପାଇଁ ଆଇନ, ପୁଲିସ ବିଭାଗର ସହାୟତାରେ ଏକ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। କେଉଁ ଢଙ୍ଗରେ ଏହି ଜରିମାନା ବୃଦ୍ଧିକୁ କାର୍ଯ୍ୟକାରୀ କରାଯିବ ଏହି କମିଟି ସେ ସଂକ୍ରାନ୍ତ ପ୍ରସ୍ତାବ ଦେବ। କୋଟ୍‌ପା ଏକ କେନ୍ଦ୍ରୀୟ ଆଇନ। ଏଥିରେ ରାଜ୍ୟ ସରକାର କୌଣସି ପ୍ରକାର ପରିବର୍ତ୍ତନ କରିପାରିବେ ନାହିଁ। ମାତ୍ର କୋଟ୍‌ପାକୁ ଆଧାର କରି ରାଜ୍ୟ ସରକାର ନିଜସ୍ୱ ଏକ ସଂଶୋଧିତ ଆଇନ ଆଣିବା ଲାଗି ପ୍ରସ୍ତୁତ ହେଉଛନ୍ତି। ଦେଶର କେଉଁ କେଉଁ ରାଜ୍ୟ ସରକାର ଏଭଳି ସଂଶୋଧିତ ଆଇନ ପ୍ରଣୟନ କରିଛନ୍ତି ତାହା ଉପରେ ବିଶ୍ଳେଷଣ ଆରମ୍ଭ ହୋଇଛି। କଟକରେ ଥିବା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଜନସ୍ୱାସ୍ଥ୍ୟ ଆଇନ ସଂପର୍କିତ ପାଠ୍ୟକ୍ରମ ରହିଛି। ତେଣୁ ଏହି ପାଠ୍ୟକ୍ରମର ବିଶେଷଜ୍ଞମାନଙ୍କୁ କମିଟିରେ ସାମିଲ କରିବା ଲାଗି ନିକଟରେ ରାଜ୍ୟରେ ତମାଖୁ ନିୟନ୍ତ୍ରଣ ପାଇଁ ଗଠିତ ୱାର୍କିଂ ଗ୍ରୁପ୍‌ର ବୈଠକରେ ଆଲୋଚନା କରାଯାଇଛି। ତମାଖୁ ସେବନକୁ ନେଇ ହୋଇଥିବା ୩ଟି ବିଭିନ୍ନ ସର୍ଭେରେ ରାଜ୍ୟର ସ୍ଥିତି ଚିନ୍ତାଜନକ ରହିଛି। ୨୦୦୯-୧୦ରେ ହୋଇଥିବା ବିଶ୍ୱ ବୟସ୍କ ତମାଖୁ ସର୍ଭେ(ଜିଏଟିଏସ୍)ରେ ରାଜ୍ୟରେ ୪୬.୨ ପ୍ରତିଶତ ଏହି ବର୍ଗର ଲୋକ ତମାଖୁ ବ୍ୟବହାର କରୁଥିବା ବେଳେ ୨୦୧୬-୧୭ରେ ଏହା ସାମାନ୍ୟ ହ୍ରାସ ପାଇ ୪୫.୬ ପ୍ରତିଶତରେ ପହଞ୍ଚିଥିଲା। ପ୍ରଥମ ଜିଏଟିଏସ୍ ସର୍ଭେରେ ଧୂମପାନ ୧୦.୩ ପ୍ରତିଶତ ଥିବା ବେଳେ ଦ୍ୱିତୀୟ ସର୍ଭେରେ ଏହା ୭କୁ ଖସି ଆସିଥିଲା। ମାତ୍ର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍‌ଏଫ୍‌ଏଚ୍‌ଏସ୍‌ରେ ତମାଖୁ ସେବନର ଚିତ୍ର ମଧ୍ୟ ଉଦ୍‌ବେଗଜନକ ରହିଛି। ୨୦୦୫-୦୬ରେ ଆସିଥିବା ଏନ୍‌ଏଫ୍‌ଏଚ୍‌ଏସ୍-୩ରେ ୬୮.୮ ପ୍ରତିଶତ ପୁରୁଷ ତମାଖୁ ସେବନ କରୁଥିବା ବେଳେ ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ୫୫.୯ ଓ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଏହା ୫୧.୬ ପ୍ରତିଶତକୁ ଖସି ଆସିଛି। ହେଲେ ମହିଳାଙ୍କ କ୍ଷେତ୍ରରେ ଏହି ହାର ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଏନ୍‌ଏଫ୍‌ଏଚ୍‌ଏସ୍-୩ରେ ୩୧.୪ ପ୍ରତିଶତ ମହିଳା ତମାଖୁ ସେବନ କରୁଥିବା ବେଳେ ଏନ୍‌ଏଫଏଚ୍‌ଏସ୍-୪ରେ ୧୭.୩ ଓ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ୨୬ ପ୍ରତିଶତରେ ପହଞ୍ଚିଛି। ଯଦି ବିଶ୍ୱ ଯୁବ ତମାଖୁ ସର୍ଭେ (ଜିୱାଇଟିଏସ୍)-୨୦୧୯କୁ ବିଚାରକୁ ନିଆଯାଏ ତାହାଲେ ରାଜ୍ୟର ୬.୨ % ଯୁବପିଢ଼ି ତମାଖୁ ସେବନ କରୁଛନ୍ତି। ଏଥିରେ କେବଳ ଧୂମପାନ କରୁଥିବା ଯୁବକଙ୍କ ହାର ୫.୩ ପ୍ରତିଶତ ଥିବା ବେଳେ ଯୁବତୀଙ୍କ ହାର ରହିଛି ୩.୯ ପ୍ରତିଶତ। ତମାଖୁ ସେବନକୁ ତୃଣମୂଳସ୍ତରରେ ହ୍ରାସ କରିବା ପାଇଁ ପ୍ରତି ଜିଲ୍ଲାରେ 'ତମାଖୁମୁକ୍ତ ଗାଁ' ପାଇଁ ଯୋଜନା ସଂପର୍କରେ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ଏହାକୁ ଭିତ୍ତିକରି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ୯୦-୧୦୦ଟି ଗାଁକୁ 'ତମାଖୁମୁକ୍ତ ଗାଁ' କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସର୍ବସାଧାରଣ ସ୍ଥାନରେ ଧୂମପାନ, ତମାଖୁ ଇତ୍ୟାଦିର ବ୍ୟବହାରକୁ ରୋକାଯିବ। ପୂର୍ବରୁ ନିର୍ମଳ ଗାଁ ଓ ବାହ୍ୟ ମଳମୁକ୍ତ ଗାଁ ଭଳି ଯୋଜନାରେ ଭଲ ପ୍ରଦର୍ଶନ କରିଥିବା ଗାଁମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସାମିଲ ଲାଗି ଆଲୋଚନା ହୋଇଛି। ପଞ୍ଚାୟତିରାଜ ବିଭାଗ ଏହାର ପରିଚାଳନା କରିବ। ନିକଟରେ ସରପଞ୍ଚ ଓ ୱାର୍ଡ ମେମ୍ବରମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ନିକଟରେ ହୋଇଥିବା ବୈଠକରେ ରାଜ୍ୟ ସରକାରଙ୍କ ୧୨ଟି ବିଭାଗ ସାମିଲ ହୋଇଥିଲା। ତମାଖୁ ନିୟନ୍ତ୍ରଣ ନେଇ ବିଭିନ୍ନ ବିଭାଗମାନେ ନିଜ ନିଜର ପ୍ରସ୍ତାବ ଦେଇଛନ୍ତି। ତେବେ ତମାଖୁମୁକ୍ତ ଗାଁ ପାଇଁ ପଞ୍ଚାୟତିରାଜ ବିଭାଗ ଏହାର ପରିଚାଳନା କରିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ ବିଦ୍ୟାଳୟ, ସର୍ବସାଧାରଣ ସ୍ଥାନରେ ଧୂମପାନ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜାରି ରହିଛି। ତେବେ ତୃଣମୂଳସ୍ତରରେ ପରିବର୍ତ୍ତନ ହେଲେ ଏହାର ଏକ ଦୀର୍ଘସ୍ଥାୟୀ ପ୍ରଭାବ ମିଳୁନାହିଁ। ତେଣୁ ତମାଖୁମୁକ୍ତ ଗାଁ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ରାଜ୍ୟରେ ପ୍ରତିବର୍ଷ ୬୦ହଜାର ଲୋକ ବିଭିନ୍ନ ପ୍ରକାର ତମାଖୁ ସେବନରୁ ବିରତ ହେଉଛନ୍ତି। ଏହାସହ ତମାଖୁର ପ୍ରବର୍ତ୍ତନ ବା ଏନ୍‌ଫୋର୍ସମେଣ୍ଟରେ ମଧ୍ୟ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଗୁଟ୍‌ଖା ଓ ଅନ୍ୟ ପାନ ମସଲାର ବ୍ୟବହାରକୁ ହ୍ରାସ କରିବା ଲାଗି ଖାଦ୍ୟ ନିରାପତ୍ତା କାର୍ଯ୍ୟାଳୟକୁ ମଧ୍ୟ ସାମିଲ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ପାନୀୟଜଳ ଯୋଗାଣ ପାଇଁ ରାସ୍ତା ଭାଙ୍ଗିଦେଲେ

ଆନନ୍ଦପୁର, ୯/୦୪ (ନି.ପ୍ର): ଆନନ୍ଦପୁର ପୌରାଞ୍ଚଳରେ ଜନସାଧାରଣଙ୍କୁ ୨୪ଘଣ୍ଟିଆ ପାନୀୟ ଜଳଯୋଗାଣ ପାଇଁ ହେଲା କାମ ଚାଲିଛି। ପୌରାଞ୍ଚଳର ୧୬ଟି ୱାର୍ଡ଼ରେ ରାସ୍ତାଘାଟ ଖୋଳାଯାଇ ଉପଭୋକ୍ତାଙ୍କ ଘରକୁ ପାଇପ୍ ସଂଯୋଗ କରାଯାଉଛି। ତେବେ ପାଇପ୍ ସଂଯୋଗ ପାଇଁ ରାସ୍ତାଘାଟ ଖୋଳା ଯାଉଥିବାବେଳେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ପୌରାଞ୍ଚଳର ଦୁଇଶହରୁ ଊର୍ଦ୍ଧ୍ୱ ସ୍ଥାନରେ ରାସ୍ତା ଖୋଳାଯାଇଥିବାବେଳେ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ୬ମାସ ହେଲା ଇଷ୍ଟ ଇଣ୍ଡିଆ କମ୍ପାନି ଦ୍ୱାରା ୨୪ଘଣ୍ଟିଆ ପାନୀୟ ଜଳଯୋଗାଣ ପାଇଁ ମ୍ୟୁନିସିପାଲିଟିର ୧୬ଟି ୱାର୍ଡ଼ରେ ପାଇପ୍ ସଂଯୋଗ କାର୍ଯ୍ୟ ଚାଲୁରହିଛି। ବିଭିନ୍ନ ୱାର୍ଡ଼ରେ କଂକ୍ରିଟ୍ ରାସ୍ତା, ଫେବର ବ୍ଲକ ଗୁଡିକୁ ଖୋଳାଯାଇ ପାଇପ୍ ସଂଯୋଗ କରାଯାଉଛି। ପାଇପ୍ ଲଗାଇବାପରେ ରାସ୍ତାର ମରାମତି କରା ନଯାଇ ସେଇଭଳି ଛାଡି ଦିଆଯାଉଛି। ଫଳରେ ମୁଖ୍ୟ ରାସ୍ତା ଗୁଡିକରେ ଏକାଧିକ ସ୍ଥାନରେ ଏବେ ବିରାଟ ଖାଲ ସୃଷ୍ଟିହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି। ଆଗକୁ ବର୍ଷାଋତୁ ଆସିଲେ ସମସ୍ୟା ବୃଦ୍ଧି ପାଇବ ବୋଲି ଅଭିଯୋଗ ହୋଇଛି। ରାସ୍ତା ଖୋଳିବାପରେ ସେହି ସ୍ଥାନକୁ କଂକ୍ରିଟ୍ ଦ୍ୱାରା ମରାମତି କରାଯିବାର ନିୟମ ରହିଥିବାବେଳେ ଏଥିପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ଏନେଇ ପୌରଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସଂପୃକ୍ତ ଠିକାସଂସ୍ଥା ନିୟମ ଉଲ୍ଲଂଘନ କରି ନିର୍ମାଣ କରୁଥିବା ନଜରକୁ ଆସିଛି। ଏନେଇ ଅନୁଧାନ କରାଯିବ ବୋଲି ସେ କହିଛନ୍ତି।

# ୬୦ବର୍ଷ ପରେ ପୂରଣ ହେବ ସ୍ୱପ୍ନ : ଜୁନାଗଡ଼-ନବରଙ୍ଗପୁର ରେଳପଥକୁ ମଞ୍ଜୁରି



ନବରଙ୍ଗପୁର, ୯/୦୪ (ନି.ପ୍ର): ବହୁ ପ୍ରତୀକ୍ଷିତ ଜୁନାଗଡ଼-ନବରଙ୍ଗପୁର ରେଳପଥକୁ ମଞ୍ଜୁରି ଦେଇଛନ୍ତି କେନ୍ଦ୍ର ସରକାର। ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅଧୀନରେ ଥିବା ଏନ୍‌ପିଜିର ଅଧିବେଶନରେ ୧୧୬କିମି ବିଶିଷ୍ଟ ବ୍ରଡ-ଗଜ୍ ଲାଇନ୍‌କୁ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମତି ଦିଆଯାଇଛି। ଯାହାଫଳରେ ବାଇଲାଡିଲା ଲୁହାପଥର ଖଣିରୁ ଛତିଶଗଡ଼ର ରାୟପୁର ଅଞ୍ଚଳରେ ଥିବା ବିଭିନ୍ନ ଇସ୍ପାତ କାରାଖାନାକୁ ଦୂରତା ୧୩୧କିଲୋମିଟର ପର୍ଯ୍ୟନ୍ତ ହ୍ରାସ ପାଇବ। ଏହା ବ୍ୟତୀତ ଜୁନାଗଡ଼, ଜୟପୁର ଓ କୋରାପୁଟରେ ବହୁମୁଖୀ ପଣ୍ୟ ସୁବିଧା କେନ୍ଦ୍ର ସ୍ଥାପନ ହେବ। ନୂତନ ରେଳପଥକୁ ବିଶଖାପାଟଣା, ଗଙ୍ଗାଭରମ ଓ କାକିନାଡାର ବିଭିନ୍ନ ବନ୍ଦରରୁ କୋଇଲା ପରିବହନ ପାଇଁ ବକଳ୍ପ ମାର୍ଗ ଭାବେ ମଧ୍ୟ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। ଗତବର୍ଷ ଏପ୍ରିଲ ମାସରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଲକାନାଗିରି ଗସ୍ତ ସମୟରେ ହିଁ ଜୟପୁର-ନବରଙ୍ଗପୁର ରେଳପଥ ଜୁନାଗଡ଼ ପର୍ଯ୍ୟନ୍ତ ସଂପ୍ରସାରଣ ହେବ ବୋଲି ଘୋଷଣା କରିଥିଲେ। ସେହି ସମୟରେ ହିଁ ରେଳପଥର ନକ୍ସା ପ୍ରସ୍ତୁତ ହୋଇସାରିଥିଲା। ନକ୍ସା ଅନୁସାରେ ରେଳପଥ ଜୁନାଗଡ଼ରୁ କୋକସରା, ଆମପାଣି ଘାଟି ଦେଇ ନବରଙ୍ଗପୁର ଜିଲ୍ଲାରେ ପ୍ରବେଶ କରିବ। ସେଠାରୁ ବୋରିପଦର, ଧନସୁଲି, ପାପଡାହାଣ୍ଡି ଦେଇ ନବରଙ୍ଗପୁରରେ ପହଞ୍ଚିବ। ନବରଙ୍ଗପୁରରୁ ଜୁନାଗଡ଼ ଯାଇଥିବା ୨୬ନମ୍ବର ଜାତୀୟ ରାଜପଥ ସହ ସମାନ୍ତରାଳ ଭାବେ ଏହି ରେଳପଥ ନିର୍ମାଣ କରିବାକୁ ଯୋଜନା ହୋଇଛି। ଏହି ରେଳପଥ ରାଜଧାନୀ ଭୁବନେଶ୍ୱର, ଆନ୍ଧ୍ରର ବିଶାଖାପାଟଣା ଓ ଛତିଶଗଡ଼ର ରାୟପୁରକୁ ମଧ୍ୟ ବାଟ ଫିଟାଇବ ବୋଲି ଜଣାପଡ଼ିଛି।

ଏ ନେଇ ପୂର୍ବତନ ସାଂସଦ ବଳଭଦ୍ର ମାଝୀ କହିଛନ୍ତି, ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନାଗିରି ରେଳପଥ ପାଇଁ ରାଜ୍ୟ ସରକାର ଜମି ଦେବାରେ ବିଫଳ ହୋଇଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ଉପରେ ନିର୍ଭର ନକରି କେନ୍ଦ୍ର ସରକାର ନିଜ ଖର୍ଚ୍ଚରେ ଜମି ଅଧିଗ୍ରହଣ ସହ ରେଳପଥ ନିମନ୍ତେ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଲାଇନ୍‌ମେଣ୍ଟ ପାଇଁ ସର୍ଭେ ସରି ଡିପିଆର ପ୍ରସ୍ତୁତ ହୋଇଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ ହେବ। କେନ୍ଦ୍ର ସରକାର ଏହି ବହୁ ପ୍ରତୀକ୍ଷିତ ରେଳପଥ ନିମନ୍ତେ ପ୍ରକ୍ରିୟା ଗୁଡ଼ିକୁ ତ୍ୱରାନ୍ୱିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଓ ବିଶ୍ୱେଶ୍ୱର ଟୁଡୁଙ୍କୁ ଶ୍ରୀ ମାଝୀ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲ୍ଲା ସହ ନବରଙ୍ଗପୁର ଜିଲ୍ଲାକୁ ରେଳପଥରେ ସଂଯୋଗ କରିବାକୁ ୧୯୬୨ ମସିହାରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ତତ୍କାଳୀନ କଳାହାଣ୍ଡି ସାଂସଦ ମହାରାଜା ପ୍ରତାପ କେଶରୀ ଦେଓଙ୍କ ସମୟରେ ରେଳପଥ ପାଇଁ ସର୍ଭେ ମଧ୍ୟ ହୋଇଥିଲା। ଯାହା ପରବର୍ତ୍ତୀ ସମୟରେ ଶୀତଳଭଣ୍ଡାରକୁ ଚାଲିଯାଇଥିଲା। ପୁଣି ୧୯୯୧ ମସିହାରେ ତତ୍କାଳୀନ କଳାହାଣ୍ଡି ସାଂସଦ ଭକ୍ତ ଚରଣ ଦାସ ରେଳ ରାଷ୍ଟ୍ର ମନ୍ତ୍ରୀ ହେବାପରେ ଜୁନାଗଡ଼ ଠାରୁ ନବରଙ୍ଗପୁର ଦେଇ ଆମ୍ବାଦଳ ପର୍ଯ୍ୟନ୍ତ ରେଳପଥ ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ବିଶେଷ ଅଗ୍ରଗତି ହୋଇପାରିନଥିଲା। ବିଭିନ୍ନ ୬୦ବର୍ଷ ଧରି ବିଭିନ୍ନ କାରଣରୁ ଅଟକି ରହିଥିବା ଏହି ପ୍ରକଳ୍ପ ଶେଷରେ ବାସ୍ତବ ରୂପ ନେବାକୁ ଯାଉଥିବାରୁ ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲ୍ଲା ମଧ୍ୟ ଅର୍ଥନେ ?ତିକ ଏବଂ ସାମାଜିକ ସଂପର୍କ ଅଧିକ ନିବିଡ଼ ହେବ ବୋଲି କୁହାଯାଉଛି।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ବୌଦ୍ଧ, ୯/୦୪ (ନି.ପ୍ର): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖଲିଆପାଲି ଗାଁରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ନା ସମାରୁ ସାହୁ। ତାଙ୍କୁ ୬୫ ବର୍ଷ ହୋଇଛି। ଗତକାଲି ରାତ୍ରି ପ୍ରାୟ ୧୨ ବେଳେ ସମାରୁ ଶୌଚ ହେବା ପାଇଁ ଘର ପଛ ପଟେ ଥିବା ପୋଖରୀ ନିକଟକୁ ଯାଇଥିଲେ। ସେହି ସମୟରେ ପାଖ ଜଙ୍ଗଲରୁ ପୋଖରୀକୁ ପାଣି ପିଇବାକୁ ଆସିଥିବା ଏକ ହାତୀ ସମାରୁଙ୍କୁ ଆକ୍ରମଣ କରିଥିଲା।

ହାତୀର ଗର୍ଜନ ଶୁଣି ପରିବାର ଲୋକ ଲାଇଟ ଧରି ଧାଇଁ ଆସିଥିଲେ ଓ ହାତୀକୁ ଘଉଡ଼ାଇ ଥିଲେ। ଗୁରୁତର ସମାରୁଙ୍କୁ ସେମାନେ ଉଦ୍ଧାର କରି ସୋନପୁର ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

ସୂଚନାଯୋଗ୍ୟ, ରାଜ୍ୟରେ ହାତୀ ମଣିଷ ଲଢ଼େଇ ଜାରି ରହିଛି। କେତେବେଳେ ହାତୀ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନ ଯାଉଛି ତ କେତେବେଳେ ଶିକାରୀ ତଥା ସାଧାରଣ ଲୋକଙ୍କ ହାତରେ ଯାଉଛି ହାତୀଙ୍କ ଜୀବନ। ସେହିପରି ବିଦ୍ୟୁତ୍ ଆଘାତ ଓ ଟ୍ରେନ୍ ଧକ୍କାରେ ପ୍ରତି ବର୍ଷ ଯାଉଛି ହାତୀଙ୍କ ଜୀବନ।

# ମିଳିଲା ପ୍ରଥମ ଶତାବ୍ଦୀ ପୂର୍ବର ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ

ପୁରୀ, ୯/୦୪ (ନି.ପ୍ର): ହନ୍ତୁସରା ଗ୍ରାମରେ ପୋଖରୀ ଖୋଳିବା ବେଳେ ମିଳିଛି ପ୍ରତ୍ନତାତ୍ତ୍ୱିକ ବସ୍ତୁ ସମୂହ। ଏହି ପ୍ରାଚୀନ ବସ୍ତୁର ଅବଶେଷ ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀ ପୂର୍ବର ଗୌରବମୟ ବୈଦେଶିକ ନୈବାଣିଜ୍ୟର ଗାଥା ବହନ କରୁଛି ବୋଲି ପ୍ରତ୍ନତତ୍ତ୍ୱ ବିଶେଷଜ୍ଞମାନେ କହିଛନ୍ତି। କିଛିଦିନ ତଳେ ପୁରୀ ଜିଲ୍ଲା ଗୋପ ବ୍ଲକ୍ ହନ୍ତୁସରା ଗ୍ରାମର ଇତିହାସ ଅଧ୍ୟାପକ ଭାସ୍କର ମୁଦୁଲିଙ୍କ ବାରିରେ ପୋଖରୀ ଖନନ ସମୟରେ ପ୍ରତ୍ନତାତ୍ତ୍ୱିକ ବସ୍ତୁଗୁଡ଼ିକ ଚିହ୍ନଟ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ସହାୟକ ପ୍ରାଧ୍ୟାପକ ଡ.ଅନାମ ଚରଣ ବେହେରା ଏହି ସ୍ଥାନ ଓ ବସ୍ତୁକୁ ନିରୀକ୍ଷଣ କରି, ଏହି ପ୍ରତ୍ନତାତ୍ତ୍ୱିକ ବସ୍ତୁଗୁଡ଼ିକ ଓଡ଼ିଶା ଇତିହାସର ଅନେକ ଲୁକ୍କାୟିତ ଦିଗକୁ ଉନ୍ମୋଚନ କରିବାରେ ସହାୟକ ହେବ ବୋଲି କହିଛନ୍ତି। ପୋଖରୀ ଖନନ ବେଳେ ନବ୍‌ଡ ଓୟାର, ମାଟି ନିର୍ମିତ ସାପ ଫଣା, ପଥର କଂସାର ଅବଶେଷ, ମାଟି ନିର୍ମିତ ବୋତଲ ଠିପି, ଚେସ୍ ଖେଳ ସହ ସମ୍ପୃକ୍ତ ଗୋଟି, କିଛି ପ୍ରାଚୀନ ଖପରାଖଣ୍ଡ ଓ ଭିନ୍ନ ଧରଣର ଗିନା ମିଳିଛି। ଡ.ବେହେରା କହିଛନ୍ତି, ଗୋପ ବ୍ଲକ୍‌ର ହନ୍ତୁସରା ଗ୍ରାମ ପଥରବୁହା ନାଳର ବାମପାର୍ଶ୍ୱରେ ଅବସ୍ଥିତ। ଏହି ପଥରବୁହା ନାଳ ସହିତ କୋଣାର୍କ ମନ୍ଦିର ପ୍ରତିଷ୍ଠା ନେଇ ଅନେକ ଲୋକକଥା ଜଡ଼ିତ ଅଛି। ଏହି ନାଳରେ ଡଙ୍ଗା ମଧ୍ୟରେ ପଥର ଖଣ୍ଡଗୁଡ଼ିକୁ ଦୂରଦୂରାନ୍ତରରୁ ପରିବହନ କରାଯାଉଥିଲା। ହନ୍ତୁସରା ଗ୍ରାମରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ବସ୍ତୁ ଓ ପଥରବୁହା ନାଳର ଲୋକକଥା ଓଡ଼ିଶା ଇତିହାସର ଗୌରବମୟ ବୈଦେଶିକ ନୈବାଣିଜ୍ୟର ଗାଥା ବହନ କରୁଛି ବୋଲି ସେ କହିଛନ୍ତି। ନିକଟରେ ପୋଖରୀ ଖନନ ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ଛାତ୍ର ଶୁଭଦର୍ଶନ ମହାପାତ୍ର ପ୍ରତ୍ନତାତ୍ତ୍ୱିକ ବସ୍ତୁଗୁଡ଼ିକ ଦେଖି ଏ ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତ୍ନତତ୍ତ୍ୱ ବିଭାଗକୁ ସୂଚନା ଦେଇଥିଲେ। ବିଭାଗୀୟ ସହାୟକ ପ୍ରଧ୍ୟାପକ ଡ.ବେହେରା ଘଟଣାସ୍ଥଳରେ ଅନୁଧାନ ସହ ପ୍ରାଚୀନ ବସ୍ତୁଗୁଡ଼ିକ ନିରୀକ୍ଷଣ କରିଥିଲେ। ଡ. ବେହେରା ନିରୀକ୍ଷଣ କରି କହିଛନ୍ତି, ମିଳିଥିବା ପ୍ରାଚୀନ ବସ୍ତୁ ସମୂହ ମଧ୍ୟରେ ନବ୍‌ଡ ଓୟାର ଏକ ବିଶେଷ ଧରଣର ମାଟିପାତ୍ର। ଏହି ମାଟିପାତ୍ରଗୁଡ଼ିକ ବିଶେଷକରି ଭାରତୀୟ ଉପମହାଦେଶ ଓ ଦକ୍ଷିଣ ପୂର୍ବ ଏସିଆର ଦେଶଗୁଡ଼ିରେ ଦେଖିବାକୁ ମିଳେ। ଦକ୍ଷିଣପୂର୍ବ ଏସିଆର ଜାଭା, ବୋରବଦୁର, କମ୍ବୋଡ଼ିଆ, ବାଂଲାଦେଶର ୱାରି ବଟେଶ୍ୱରୀ, ଭିଏତ୍‌ନାମ, ଥାଇଲାଣ୍ଡର ପ୍ରତ୍ନତାତ୍ତ୍ୱିକ ସ୍ଥାନରେ ମଧ୍ୟ ଏହି ମାଟି ପାତ୍ର ଦେଖିବାକୁ ମିଳିଥାଏ। ହନ୍ତସୁରା ଅଞ୍ଚଳରୁ ମିଳିଥିବା ଖପରାରେ ଯେଉଁ ଚିହ୍ନ ରହିଛି, ତାହା ଏବେ ବି ଥାଇଲାଣ୍ଡର ବୁଦ୍ଧ ଧର୍ମାବଲମ୍ବୀଙ୍କ ତମ୍ବା ପାତ୍ରରେ ଦେଖିବାକୁ ମିଳେ। ତେଣୁ ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀ ପୂର୍ବରୁ ହନ୍ତୁସରା ଓ ଆଖପାଖ ଅଞ୍ଚଳ ସହ ଦକ୍ଷିଣପୂର୍ବ ଏସିଆର ଦେଶ ସମୂହର ନୈବାଣିଜ୍ୟ ସମ୍ପର୍କ ଥିବାର ବଳିଷ୍ଠ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଭାବେ ଏହାକୁ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି। ଡ.ବେହେରାଙ୍କ କହିବା ମୁତାବକ, କୋଣାର୍କ ସୂର୍ଯ୍ୟ ମନ୍ଦିରର ଜିରାଫ ଓ ଡଙ୍ଗା ଉପରେ ମାର୍ତଣ୍ଡ ଭୈରବ ମୂର୍ତ୍ତି ଏହି ଅଞ୍ଚଳରେ ପ୍ରଚଳିତ ଥିବା ନୈବାଣିଜ୍ୟ ପ୍ରଥାକୁ ସୂଚିତ କରୁଛି। ଆଫ୍ରିକା ମହାଦେଶରେ ଦେଖାଯାଉଥିବା ଜିରାଫକୁ ସୂର୍ଯ୍ୟମନ୍ଦିର ଗାତ୍ରରେ ଖୋଦିତ କରାଯାଇଥିବାରୁ ଏହି ଅଞ୍ଚଳ ସହ ଆଫ୍ରିକା ମହାଦେଶର ନୈବାଣିଜ୍ୟ ସମ୍ପର୍କ ପ୍ରଚଳିତ ଥିଲା ବୋଲି ସେ କହିଛନ୍ତି।

# ସର୍ଗିତଳିଆରେ ୩୦ ଶିଶୁ ଅପପୁଷ୍ଟିର ଶିକାର !

ଯୋଡ଼ା, ୯/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ବଳଦା ପଞ୍ଚାୟତ ଗୁଡ଼ାସାହିରେ ଦୁଇଦିନ ମଧ୍ୟରେ ଦୁଇଦୁଇଟି ଶିଶୁଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଅପପୁଷ୍ଟିର ଶିକାର ହୋଇଥିବା ଦୁଇ ଶିଶୁଙ୍କୁ ଚିହ୍ନଟ କରାଯାଇ ପୁଷ୍ଟିସାଧନ କେନ୍ଦ୍ରକୁ ପଠାଯାଇଛି। ଅନ୍ୟପକ୍ଷରେ ଯୋଡ଼ା ପୌରପାଳିକାର ୧୩ ନମ୍ବର ୱାର୍ଡ ସର୍ଗିତଳିଆରେ ମଧ୍ୟ ମାଳମାଳ ପୁଷ୍ଟିହୀନ ଶିଶୁ ଥିବା ଦେଖିବାକୁ ମିଳିଛି। ଅପପୁଷ୍ଟିର ଶିକାର ହୋଇ ଏଠାରେ ଏକ ଶିଶୁକନ୍ୟା ପ୍ରାଣ ହରାଇଥିବା ବେଳେ ଆହୁରି ୩୦ଜଣ ଶିଶୁ ଅତ୍ୟନ୍ତ ଦୁର୍ବଳ ଏବଂ ସେମାନଙ୍କ ଓଜନ କମ ଥିବା ଜଣାପଡ଼ିଛି।

ପ୍ରାପ୍ତ ସୂଚନା ଅନୁସାରେ, ଗୋଡ଼ାସାହିର ମୋଚିଆ ହେମ୍ବ୍ରମଙ୍କ ୪୦ ଦିନର ଶିଶୁକନ୍ୟା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇଥିବାରୁ କଟକ ବଡ଼ଡାକ୍ତରଖାନା ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ପରିବାର ଲୋକେ ଶିଶୁଟିକୁ କଟକ ନେବା ପରିବର୍ତ୍ତେ ଘରକୁ ଫେରାଇ ଆଣିଥିଲେ। ଗତ ୫ ତାରିଖରେ ତାର ମୃତ୍ୟୁ ଘଟିଥିଲା। ସେହିପରି ସାହିର ଗୁଣ ମୁଣ୍ଡାଙ୍କ ଦେଢ଼ବର୍ଷର ଶିଶୁକନ୍ୟା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ତାଙ୍କୁ କଟକ ନେବାକୁ ପରାମର୍ଶ ଦେଇଥିଲେ। ଅର୍ଥାଭାବରୁ ଗୁଣ ଝିଅକୁ କଟକ ନ ନେଇ ଘରକୁ ଫେରାଇ ଆଣିଥିଲେ। ୭ ତାରିଖରେ ଗୋଲାପର ମୃତ୍ୟୁ ଘଟିଥିଲା। ଦୁଇ ଶିଶୁଙ୍କ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଆଜି ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନଙ୍କ ସହ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବଡ଼କାଳିମାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ସାହିରେ ପହଞ୍ଚି ୨୮ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଦୁଇଟି ଶିଶୁ ଅପପୁଷ୍ଟିର ଶିକାର ହୋଇଥିବାରୁ ଉଭୟଙ୍କୁ ବଡ଼ବିଲ ପୁଷ୍ଟିସାଧନ କେନ୍ଦ୍ରକୁ ପଠା ଯାଇଥିବା ବଡ଼କାଳିମାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରମଣିରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି। ସେହିପରି ଯୋଡ଼ା ସହରଠାରୁ ୪ କିମି ଦୂରରେ ଥିବା ସର୍ଗିତଳିଆ ବସ୍ତିରେ ଆଦିବାସୀ ସମ୍ପ୍ରଦାୟର ତିନିଶହ ଲୋକ ବାସ କରୁଛନ୍ତି। ପୁଷ୍ଟିକର ଖାଦ୍ୟାଭାବରୁ ଏଠାରେ ମାଳମାଳ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଜଣାପଡ଼ିଛି। ଗ୍ରାମର କୈଳାସ ମୁଣ୍ଡାଙ୍କ କହିବା ଅନୁଯାୟୀ, ତାଙ୍କର ତିନିବର୍ଷର ଝିଅ ଶାଳିନୀ ଖାଦ୍ୟାଭାବରୁ ଦୁର୍ବଳ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ କିଛିଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗ୍ରାମର ଜୁଲୁ ମୁଣ୍ଡା, ସୁଦନ ମୁଣ୍ଡା, ସୋନୁ ମୁଣ୍ଡା କହିଛନ୍ତି, ଗାଁଠାରୁ ୩ କିମି ଦୂର ଖୁଣ୍ଟପାଣରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଅଧିକ ଦୂର ହେଉଥିବାରୁ ଗାଁ ପିଲାମାନେ ସେଠାରୁ ଯାଉନାହାନ୍ତି। ତେଣୁ ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଡ଼ାସାହି ହେଉ କି ସର୍ଗିତଳିଆ ସବୁଠି ଖାଦ୍ୟାଭାବର ମୁଖ୍ୟ କାରଣ ପାଲଟିଛି ଖଣିଖାଦାନ ବନ୍ଦ। ପୂର୍ବରୁ ଉଭୟ ଗ୍ରାମର ଲୋକେ ନିକଟସ୍ଥ ଖଣିରେ ଶ୍ରମିକ ଭାବେ କାମ କରି ଭଲ ରୋଜଗାର କରୁଥିଲେ। ଏବେ ଖଣିଖାଦାନ ବନ୍ଦ ଥିବାରୁ ସେମାନେ କାମ ପାଉନାହାନ୍ତି। ଗୋଡ଼ାସାହି ବାସିନ୍ଦା ମୂଲ ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ସର୍ଗିତଳିଆ ଗ୍ରାମବାସୀ ନିକଟସ୍ଥ ଜଙ୍ଗଲରୁ ମହୁଲ, ତେନ୍ତୁଳି, ଜାଳେଣି କାଠ, ଦାନ୍ତକାଠି ଓ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକି ପରିବାର ପ୍ରତିପୋଷଣ କରୁଛନ୍ତି। ସରକାରଙ୍କ ପକ୍ଷରୁ ଏମାନଙ୍କୁ ରାସନ କାର୍ଡରେ ଚାଉଳ ମିଳୁଥିଲେ ମଧ୍ୟ ବଡ଼ ପରିବାର ହୋଇଥିବାରୁ ମାସ ପୂରିବା ଆଗରୁ ଚାଉଳ ସରିଯାଉଛି। ତେଣୁ ଆଦିବାସୀ ଲୋକେ ମହୁଲ ସିଝା, ସିଆଳିମଞ୍ଜି, ପିତାଳୁ ଓ କାଇଁକୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି। ଯେଉଁଥି ପାଇଁ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଥିବା କୁହାଯାଉଛି।




# ଗୁପ୍ତ ସହର

*ସାରା ବିଶ୍ୱକୁ କବଳିତ କରିଥିବା କରୋନା ମହାମାରୀ ଭୂତାଣୁ ଚୀନ୍‌ରୁ ଆସିଥିବା ବିବାଦ ଏଯାବତ୍ ଲାଗି ରହିଛି । ଏହା ମଧ୍ୟରେ ଚୀନ୍‌ର ଆଉ ଏକ ରହସ୍ୟ ପଦାକୁ ଆସିଛି । ଏହି ଦେଶ ଏପରି ସହର ନିର୍ମାଣରେ ଲାଗିଛି ଯାହା କରୋନା ସହ ଭବିଷ୍ୟତରେ ଯେକୌଣସି ମହାମାରୀରୁ ବି ସୁରକ୍ଷିତ ରହିପାରିବ । ଖୁବ୍ ଗୋପନୀୟ ଭାବେ ଏହି ସହର ନିର୍ମାଣ ଚାଲିଥିଲେ ବି ଏହାର ତଥ୍ୟ ପଦାକୁ ଆସିଯାଇଛି । ଚୀନ୍ ସହିତ ବିଭିନ୍ନ ଦେଶର ମାଟିତଳେ ଥିବା ଚର୍ଚ୍ଚିତ ଗୁପ୍ତ ସହର ସମ୍ପର୍କରେ...*



**ସୁପାଇ ଗ୍ରାମ, ଆମେରିକା:**


ବିଶ୍ୱର ଅନ୍ୟତମ ଆଶ୍ଚର୍ଯ୍ୟ ଗ୍ରାଣ୍ଡ କେନିୟାନ୍ ଦେଖିବାକୁ ସାରା ବିଶ୍ୱରୁ ପ୍ରତିବର୍ଷ ପ୍ରାୟ ୫୫ ଲକ୍ଷ ଲୋକ ଆମେରିକାର ଏରିଜୋନା ଯାଇଥାନ୍ତି । ତେବେ ଏଠାରେ ଥିବା ଅନ୍ୟତମ ଗର୍ତ୍ତ ହାଭାସୁ କେନିୟାନ ନିକଟରେ ସୁପାଇ ନାମରେ ଏକ ବହୁ ପ୍ରାଚୀନ ଗ୍ରାମ ରହିଛି । ଏଠାକାର ମୋଟ ଜନସଂଖ୍ୟା ୨୦୮ । ତେବେ ଗାଁଟି ଗ୍ରାଣ୍ଡ କେନିୟାନ୍ ଭିତରେ ପ୍ରାୟ ୩ ହଜାର ଫୁଟ ଗଭୀରତାରେ ଅବସ୍ଥିତ । ସମଗ୍ର ଆମେରିକାରେ ଏହା ଏକମାତ୍ର ଏପରି ଗ୍ରାମ ଯେଉଁଠି ଚିଠି ପହଁଞ୍ଚିବାକୁ ସର୍ବାଧିକ ସମୟ ଲାଗୁଛି ଏବଂ ଖଚର ଦ୍ୱାରା ଡାକ ଯୋଗାଯୋଗ କରାଯାଉଛି । ଏହି ଖଚର ଗାଡ଼ି ଉପରେ ୟୁନାଇଟେଡ ଷ୍ଟେଟ୍ ପୋଷ୍ଟାଲ୍ ସର୍ଭିସ୍‌ର ମୋହର ଲାଗିଥାଏ ।

**ଦିକ୍ସିୟା ଚେଙ୍ଗ, ଚୀନ୍:**

ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ରହିବା ଲାଗି ଏକାଧିକ ଭୂତଳ ସହର ଚୀନ୍‌ର ବିଭିନ୍ନ ରାଜ୍ୟରେ ରହିଥିବା ବେଳେ ଦିକ୍ସିୟା ଚେଙ୍ଗ ପ୍ରମୁଖ । ୧୯୬୯ ରେ ବେଜିଂ ଭୂମି ତଳେ ଏହି ସହର ନିର୍ମାଣ କରାଯାଇଥିଲା, ଯାହା ଶେଷ ହେବାକୁ ୧୦ବର୍ଷ ଲାଗିଥିଲା । ଏହା ଚୀନ୍‌ର ବିଶାଳ ଭୂତଳ ପ୍ରାଚୀନ ସହର ନାମରେ ପରିଚିତ । ଏଠାରେ ଏକାଧିକ ସ୍କୁଲ, ହସ୍‌ପିଟାଲ୍, ରହିବା ଏବଂ ଶୋଇବା ସୁବିଧା ଥିବା ବଡବଡ ହଲ୍ ନିର୍ମାଣ କରାଯାଇଛି । ଏହି ସହର ଭିତରକୁ ଯିବା ପାଇଁ ଶତାଧିକ ପ୍ରବେଶ ଦ୍ୱାର ରହିଥିବା ବେଳେ ଏକାଧିକ ଗୁମ୍ଫା ମଧ୍ୟ ଏଠାରେ ଅଛି ।

**କାପାଡୋସିୟା, ତୁର୍କୀ:**

ଏହି ସ୍ଥାନରେ ଅତି କମ୍‌ରେ ୩୦ଟି ଭୂତଳ ସହର ରହିଛି । କାପାଡୋସିୟାକୁ ଭୂତଳ ସହରଗୁଡ଼ିକର ଏକ ଗ୍ରୁପ୍ ବୋଲି କୁହାଯାଇପାରେ । ଏଠାରେ ଛୋଟ ଛୋଟ ଗୁମ୍ଫା, ଦୋକାନ, ଘର, ସ୍କୁଲ, ଚର୍ଚ୍ଚ ଆଦି ରହିଛି । ତୁର୍କୀର ନେଭାସିର ଅନ୍ତର୍ଗତ ଡେରିନକୁୟୁ ଜିଲ୍ଲାରେ ଏହି ଭୂତଳ ସହର ରହିଛି । ଏଠାରେ ନିଜ ଜିନିଷପତ୍ର, ପଶୁସମ୍ପଦ ସହ ୨୦ ହଜାର ଲୋକ ଆଶ୍ରୟ ନେଇପାରିବେ ।



**କରୋନାନିରୋଧୀ ସହର:**

ଚୀନ୍ ଖୁବ୍ ଗୋପନୀୟ ଭାବେ ବେଜିଂର ଜିୟୋଙ୍ଗ ଆନ୍ ନ୍ୟୁ ଏରିଆରେ ଏହି ସହର ନିର୍ମାଣ କରୁଥିଲେ । ଏହି ସହର କରୋନା ସହ ଭବିଷ୍ୟତର ଯେକୌଣସି ବଡ ମହାମାରୀରୁ ବି ଏଠାକାର ବାସିନ୍ଦାଙ୍କୁ ସୁରକ୍ଷିତ ରଖିପାରିବ । ଏଠାରେ ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।

**ରିସୋ, କାନାଡ଼ା:**

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେଷ୍ଟୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

**ବର୍ଲିଂଟନ୍, ଇଂଲଣ୍ଡ:**

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଇଂଲଣ୍ଡର ଓ୍ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍‌ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

## ଶକ୍ତିଶାଳୀ ଔଷଧ ସେକ୍ସ

ଶରୀରକୁ ସୁସ୍ଥ ରଖିବାକୁ ଆମେ ଡାଏଟିଂ, ଯୋଗ, ମର୍ଣ୍ଣିଂଓ୍ୱାର୍କ ଆଦି କରିଥାଉ । ଉତ୍ତମ ସ୍ୱାସ୍ଥ୍ୟ ହେଉଛି ମଣିଷର ପ୍ରକୃତ ସମ୍ପତ୍ତି । ସେଥିପାଇଁ ନାନା ପ୍ରକାର ବିକଳ୍ପ ବି ଗ୍ରହଣ କରିଥାନ୍ତି ସମସ୍ତେ, କିଭଳି ଭାବରେ ନିଜ ସ୍ୱାସ୍ଥ୍ୟର ଉନ୍ନତି ହୋଇପାରିବ, ସମସ୍ତେ ପ୍ରାୟ ଚେଷ୍ଟା କରିଥାନ୍ତି । ଯଦି ଜଣେ ଭଲଭାବରେ ସେକ୍ସ କରୁଥାଏ, ତା'ହେଲେ ସ୍ୱାସ୍ଥ୍ୟ ପାଇଁ ତାହା ଖୁବ୍ ଦରକାରୀ । ଏହାକୁ କେହି ଗବେଷକ ବି କହିଥାନ୍ତି, ସେକ୍ସଠାରୁ ଶକ୍ତିଶାଳୀ ଔଷଧ କିଛି ନାହିଁ । ଯେଉଁମାନେ ନିୟମିତ ଭାବରେ ସେକ୍ସ କରନ୍ତି, ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କ୍ୟାନ୍ସର ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇଥାଏ । ଏହା ଚାପ କମ୍ କରିବା ସହ ହରମୋନର ସଠିକ ସନ୍ତୁଳନ କରିଥାଏ । ଫଳରେ ସ୍ୱାସ୍ଥ୍ୟ ଭଲ ରହେ । ବଡ଼ କଥା ହେଉଛି, ସେକ୍ସ କରୁଥିବା ଲୋକଙ୍କୁ ବିଶେଷ କିଛି ଶାରୀରିକ ବ୍ୟାୟାମ କରିବାର ଆବଶ୍ୟକତା ପଡ଼ି ନଥାଏ ।

## କଲରା ଆମ୍ବିଳା ମସଲା

**ସାମଗ୍ରୀ:**

କଲରା: ୪/୫ ଟା (ବଡ଼)
-କର୍ନଫ୍ଲୋର୍: ୧ କପ୍
-କଟା ପିଆଜ: ୧ଟା (ବଡ଼)
-କଟା ରଶୁଣ: ୧ଟା (ଛୋଟ)
-ଅଦା: ଛୋଟ ଖଣ୍ଡେ
-ଜିରା: ୧ ଚାମଚ
-ଶୁଖିଲା ଲଙ୍କା: ୧/୨ ଟା
-ଚିନି: ଅଧାଚମଚ
-ଆମ୍ବୁଲ: ୨ଟା
-ଅଳ୍ପ ଟମାଟୋ ସସ୍
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ




**ପ୍ରଣାଳୀ:**

ପ୍ରଥମେ କଲରାକୁ ଭଲ ଭାବେ ଧୋଇ ଛୋଟ ଛୋଟ ଗୋଲ୍ କରି କାଟି ଦିଅନ୍ତୁ । ସେଥିରେ କର୍ନଫ୍ଲୋର୍, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ କଲରାକୁ ପକାଇ ଚିପ୍ସ ଭଳି ଛାଣି ରଖନ୍ତୁ । ଜିରା, ଶୁଖିଲା ଲଙ୍କା, ଅଦା, ପିଆଜ, ରସୁଣକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତା' ପରେ ଗ୍ୟାସ୍‌ରେ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଟିକେ ତାତିଗଲା ପରେ ଗ୍ରାଇଡିଂ କରିଥିବା ମସଲାକୁ ପକାଇ ଭଲ ଭାବେ କଷନ୍ତୁ । ସେଥିରେ ଚିନି, ଆମ୍ବୁଲ, ଟମାଟୋ ସସ୍ ଏବଂ ଅଳ୍ପ ପାଣି ଦେଇ ମଧ୍ୟ କଷନ୍ତୁ । ମସଲା କଷି ହୋଇଗଲା ପରେ ପୂର୍ବରୁ ଛାଣିଥିବା କଲରାକୁ ପକାଇ ଭଲ ଭାବେ ଗୋଳେଇ ଦେଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ ଆଞ୍ଚରେ ବସାନ୍ତୁ । ପାଞ୍ଚ ମିନିଟ୍ ପରେ କଡ଼େଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ଭାତ ସହିତ ନିଜେ ଖାଆନ୍ତୁ ଓ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।

## ଘରେ ତିଆରି କରନ୍ତୁ ମକା ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ସିଝା ମକା, କଟା ପିଆଜ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମକାକୁ ଅଳ୍ପ ଲୁଣ ଦେଇ ସିଝାଇ ଦିଅନ୍ତୁ । ଏହାପରେ ଏକ ପାତ୍ରରେ ଅଟା, ଲୁଣ, ସାମାନ୍ୟ ତେଲ ଓ ଆବଶ୍ୟକ ପରିମାଣର ପାଣି ଦେଇ ଏହାକୁ ଭଲ ଭାବେ ଚକଟି ଦିଅନ୍ତୁ ।

ଚକଟି ସାରିବା ପରେ ଏହାକୁ ଗୋଳା କରି ରଖନ୍ତୁ । ଏବେ ଏକ କଡ଼େଇରେ ତେଲ ଗରମ କରି ସେଥରେ କଟା ପିଆଜ ପକାନ୍ତୁ । ପିଆଜ ଲାଲ୍ ହୋଇଗଲେ ସେଥିରେ ଲଙ୍କା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ସିଝା ମକାକୁ ଭଲ ଭାବେ ଚକଟି ଏଥିରେ ପକାଇ କଷନ୍ତୁ ।

ମସଲା କଷି ହୋଇଗଲା ପରେ ଅଟା ଗୋଳାକୁ ସାମାନ୍ୟ ଚେପଟା କରି ତା' ମଧ୍ୟରେ ଏହି କଷା ହୋଇଥିବା ମସଲାକୁ ପୂର ଭଳି ଭର୍ତ୍ତି କରି ଚାରିପଟୁ ଚାପି ବନ୍ଦ କରିଦିଅନ୍ତୁ ।

ଏବେ ଏହାକୁ ପରଟା ବା ରୁଟି ପରି ବେଲି ଦିଅନ୍ତୁ । ଏବେ ତାଓ୍ୱା ଗରମ କରି ସେଥିରେ ତେଲ ଦେବା ପରେ ପରଟାକୁ ସେକନ୍ତୁ । ଦୁଇ ପାଖ ପୂରା ଗୋଲ୍‌ଡେନ୍ କଲର ହୋଇଗଲେ ପରଟା କାଢ଼ି ଦିଅନ୍ତୁ ।

ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ମକା ପରଟା' । ଏହାକୁ ଦହି, ସସ୍ କିମ୍ବା ଚଟଣୀ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟି ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।



## ଅମ୍ଳଜାନ ମାପିବ ସ୍ମାର୍ଟଓ୍ୱାଚ୍

ସ୍ୱାସ୍ଥ୍ୟ ପାଇଁ ଖୁବ୍ ସଚେତନ ରହୁଥିବା ମଣିଷଙ୍କ ଲାଗି ମେଭୋଫିଟ୍ ଏକ ସ୍ୱତନ୍ତ୍ର ସ୍ମାର୍ଟଓ୍ୱାଚ୍ ପ୍ରସ୍ତୁତ କରିଛି । ଏହା ଶରୀରରେ ଅମ୍ଳଜାନ ପରିମାଣ ଜଣାଇବା ଲାଗି ସେନ୍‌ସର ଭଳି କାମ କରିବ । ମେଭୋଫିଟ୍‌ର ଏହି ସ୍ମାର୍ଟଓ୍ୱାଚ୍ ମେଭୋଫିଟ୍ ଏହି ସ୍ମାର୍ଟଓ୍ୱାଚ୍ ମେଭୋଫିଟ୍ ରେସ୍‌ଡାଇଭ୍‌ର ମୂଲ୍ୟ ମାତ୍ର ୪୯୯୦ ଟଙ୍କା ରଖାଯାଇଥିବା କମ୍ପାନୀ ପକ୍ଷରୁ ଜଣାଯାଇଛି । ଏହାକୁ ପିନ୍ଧି ଜଣେ ସନ୍ତରଣ ମଧ୍ୟ କରିପାରିବେ । ଏହି ସ୍ମାର୍ଟଓ୍ୱାଚ୍‌ରେ କେତେ ପାଦ ଚାଲିଲେ, କେତେ କ୍ୟାଲେରୀ ମୁକ୍ତ ହେଲା, କେତେ ଦୂର ଦୌଡ଼ିଲେ, ଦିନସାରା କେତେ ଶାରୀରିକ କାର୍ଯ୍ୟକଳାପ କଲେ ଆଦି ଜାଣିବା ଲାଗି ଟ୍ରାକର ରହିଛି । ଏହା ମଧ୍ୟ ନିଦ ପରିମାଣ, ହୃତ୍‌ସ୍ପନ୍ଦନ, ରକ୍ତଚାପ, ଅମ୍ଳଜାନ ପରିମାଣ ଜଣାଇପାରିବ । ଅନ୍ୟ ସ୍ମାର୍ଟଓ୍ୱାଚ୍‌ଗୁଡ଼ିକ ପରି ଏଥିରେ ବି ବ୍ଲୁଟୁଥ୍ ସଂଯୋଗ ରହିଥିବାରୁ ଫୋନ୍‌କୁ ଆସୁଥିବା ସମସ୍ତ ନୋଟିଫିକେସନ୍, ଇନ୍‌କମିଂ କଲ୍, ମେସେଜ୍‌ର ସୂଚନା ପାଇପାରିବେ । ଫାଇଣ୍ଡ ପାଇଁ ଫୋନ୍ ସୁବିଧା ଥିବାରୁ ସ୍ମାର୍ଟଓ୍ୱାଚ୍‌କୁ ଟ୍ରାକ୍ କରିବା ସହଜ ହେବ । ଏଥିରେ କ୍ୟାଲେଣ୍ଡର ସହ ପାଣିପାଗର ସୂଚନା ଏବଂ କ୍ୟାମେରା ନିୟନ୍ତ୍ରଣ କରିବା ସୁବିଧା ରହିଛି । ଘଣ୍ଟାରୁ ହିଁ ମୋବାଇଲ୍‌ର କ୍ୟାମେରା ପରିଚାଳନା କରିପାରିବେ । ସାଇକଲ୍ ଚାଳନା, ସନ୍ତରଣ, ସ୍କିପିଙ୍ଗ, ବ୍ୟାଡମିଣ୍ଟନ, ବାସ୍କେଟବଲ୍, ଚାଲିବା, ଦୌଡ଼ିବା ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଏହି ସ୍ମାର୍ଟଓ୍ୱାଚ୍‌ରେ ଏକାଧିକ ମୋଡ୍ ରହିଛି । ଏଥିରେ ଥିବା ୮୦ ଏମ୍‌ଏଏଚ୍ ବ୍ୟାଟେରି ଥରେ ଚାର୍ଜ ହେଲେ ୪ ରୁ ୬ ଦିନ କାମ କରିପାରେ । ଧୂଳି ଏବଂ ପାଣିରେ ଏହି ଘଣ୍ଟାର କିଛି କ୍ଷତି ହୋଇନଥାଏ । ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।





## ପ୍ରକୃତରେ ମହିଳାଙ୍କ ହୃଦୟ ଛୋଟ


ସମସ୍ତେ କୁହନ୍ତି ମହିଳାଙ୍କ ହୃଦୟ ପୁରୁଷମାନଙ୍କଠାରୁ ଛୋଟ । ହୁଏତ ଏହାର ପ୍ରକୃତ ଅନୁଧ୍ୟାନ କରି କେହି କହି ନଥାଇ ପାରନ୍ତି କି କାହା ପାଖରେ ସମ୍ପୂର୍ଣ୍ଣ ବିବରଣୀ ନଥାଏ । ପୁରୁଷମାନେ ପ୍ରେମରେ ହାରିବା ବେଳେ ମହିଳାଙ୍କ ହୃଦୟ ଛୋଟ କଥାକୁ ଅବଶ୍ୟ କହିଥାନ୍ତି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ମହିଳାଙ୍କ ହୃଦୟ ଛୋଟ ବୋଲି ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି । ସେଥିପାଇଁ ପୁରୁଷଙ୍କ ହାର୍ଟବିଟ୍ ତୁଳନାରେ ମହିଳାଙ୍କ ଅଧିକ ହାର୍ଟବିଟ୍ ହୋଇଥାଏ । ତାହାର ମୁଖ୍ୟ କାରଣ ହେଲା ଯେ ମହିଳାଙ୍କର ହୃଦୟର ଆକାର କମ ଥିବାରୁ ତାହା ଅଧିକ ଥର ସ୍ପନ୍ଦନ କରିଥାଏ । ଏହିକଥା ବି ଅନେକ ସମୟରେ ଉପମା ଦେଇକି ପରିହାସରେ ପୁରୁଷମାନେ ମହିଳାଙ୍କ ଉଦ୍ଦେଶ୍ୟରେ କହିପାରନ୍ତି କିନ୍ତୁ ଏହା ପଛର ପ୍ରକୃତ କାରଣ ଛୋଟ ହାର୍ଟ ପାଇଁ ବିଟ୍ କିନ୍ତୁ ଅଧିକ ହୋଇଥାଏ ।

## ରୋବଟ୍ କ୍ଲିନର୍‌ରେ ବିମାନ ଭିତର ସଫେଇ

କରୋନା ମହାମାରୀର ଭୟ ଲୋକଙ୍କ ମନରେ ରହିଛି । ଲୋକେ ଭୟକୁ ମନରେ ରଖି ବାହାରକୁ ବାହାରିଲେଣି । ଚାକିରି, ବ୍ୟବସାୟ ଆଦି କାମରେ ପାଖ ସହର, ରାଜ୍ୟକୁ ଯା-ଆସ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି । ବିମାନସେବା ମଧ୍ୟ ଧୀରେ ଧୀରେ ସ୍ୱାଭାବିକ ହେଉଛି । ବ୍ରିଟେନ୍‌ରେ ଆନ୍ତଃରାଜ୍ୟ ବିମାନ ଚଳାଚଳ ଆରମ୍ଭ ହୋଇଥିବାବେଳେ ଯାତ୍ରୀଙ୍କ ସଂଖ୍ୟା ପୂର୍ବଭଳି ନାହିଁ । ଲୋକେ ଅତି ଜରୁରୀ କାମରେ ବିମାନରେ ଯା-ଆସ କରୁଛନ୍ତି । ବ୍ରିଟେନ୍ ବିମାନ କର୍ତ୍ତୃପକ୍ଷ ବିମାନ ଭିତର ସ୍ଥିତିକୁ ନେଇ ପୂର୍ବାପେକ୍ଷା ଅଧିକ ସଚେତନ । ଏବେ ରୋବଟ୍ କ୍ଲିନର୍‌ର ସହାୟତା ନିଆଯାଇ ସଫା କରାଯାଉଛି । ରୋବଟ୍ କ୍ଲିନର୍‌ର ନାମ 'ନୋଭା ରୋଭର୍' ଓ ବିମାନ ଭିତରେ ଏହା ସ୍ୱୟଂଚାଳିତ ଭାବେ କାମ କରୁଥିବାର ପ୍ରକାଶ । ଏହାକୁ ସ୍ପ୍ରେ କଲେ, ୧୨ ଫୁଟ୍ ପର୍ଯ୍ୟନ୍ତ ପରିଷ୍କାର କରୁଥିବାର ଦେଖା ଯାଇଛି । ନ୍ୟୁଜିଲାଣ୍ଡର ଏକ କମ୍ପାନୀ ଏହି ରୋବଟ୍‌କୁ ତିଆରି କରିଥିବାବେଳେ ବିଭିନ୍ନ କାମ ମଧ୍ୟ କରିଥାଏ । ପ୍ରତ୍ୟେକ ସିଟ୍‌କୁ ପରିଷ୍କାର କରିବା ସହ ଯାତ୍ରୀଙ୍କ ଶରୀରର ତାପମାତ୍ରାକୁ ମଧ୍ୟ ମାପିପାରେ ।



# ସମ୍ପର୍କର ପ୍ରତିଛବି



ଲଳିତ ମୋହନ ମିଶ୍ର

ହଠାତ୍ ମଲ୍‌ରେ ପ୍ରତ୍ୟୁଷକୁ ଦେଖି ଚମକି ପଡିଲା ସୋନାଲି । ସେତେବେଳର ନିଆଁ କେବେଠୁ ଲିଭି ଯାଇଛି, ପାଉଁଶ ମଧ କେବେଠାରୁ ଫୋପାଡି ଦେଲେଣି । କିନ୍ତୁ ପୋଡା ହୋଇଥିବା ସ୍ଥାନଟିର କଳାଦାଗ ଛାଡିନାହିଁ । ପ୍ରତ୍ୟୁଷ ଘର ସଂସାର କରିସାରିଲାଣି । ଏପଟେ ସୋନାଲି ମଧ୍ୟ ତାର ପୁଅ ଏବଂ ସ୍ୱାମୀ ସହିତ ସୁଖରେ ଅଛି । ଦୀର୍ଘ ଦିନ ପରେ ସୋନାଲିର ପ୍ରତ୍ୟୁଷ ସହିତ ଦେଖା ସାକ୍ଷାତ । କୁହନ୍ତି ସମ୍ପର୍କର ନାମ ଏଠି ଅନେକ । କାହା ସହ ତାର ତିକ୍ତ ଭାବ ତ ଆଉ କାହା ସହ ଟିକେ ମଧୁର । କେବେ ସମ୍ପର୍କ ଲେଖେ ନିଜ ସଂଜ୍ଞା ତ, ପୁଣି କେବେ ସେ ସଂଜ୍ଞା ହୀନ ସାଗର । ସମ୍ପର୍କ ତୁଟି ଯାଇଛି ସୋନାଲି ଆଉ ପ୍ରତ୍ୟୁଷର । ହେଲେ କେଉଁଠି ନା କେଉଁଠି ରହି ଯାଇଛି ପୋଡା ଦାଗ । କାରଣ ସେ ସମ୍ପର୍କ କଣ୍ଟାଠାରୁ ଫୁଲ, ଆଉ ଫୁଲଠୁ ଭଅଁର । ବେଳେବେଳେ ସେ ମାଟିଠାରୁ ଘାସ, ଘାସଠୁ କାକର । ଆଉ ପାଦଠାରୁ ପଥ, ପଥଠୁ ପଥର । ଜନ୍ମଠାରୁ ମୃତ୍ୟୁ, ମୃତ୍ୟୁ ଠାରୁ ପାଉଁଶଏମିତି ସେ ସମ୍ପର୍କର ଡୋର...... କିଛି ପଚାରିବାକୁ ଉଦ୍ଦେଶ ନ ଥିଲେ ମଧ ମୁହାଁ ମୁହିଁ ହୋଇଯିବାରୁ ସୋନାଲି ପଚାରି ଦେଲା - କେମିତି ଅଛନ୍ତି । ସେପଟରୁ ଉତ୍ତର ଆସିଲା - ଭଲ ଅଛି । ଅଳ୍ପ ସମୟ ସାକ୍ଷାତରେ ଦୁହିଁଙ୍କ ଭିତରେ ତିକ୍ତତା ଥିଲା ପରି ମନେ ହେଉ ନଥିଲା । ପ୍ରତ୍ୟୁଷ ଚାଲି ଯାଇଥିଲା ସୋନାଲି ବିଷର୍ଣ୍ଣ ବଦନ ନେଇ ଚାହିଁ ରହିଥିଲା ପଥକୁ । ପ୍ରତ୍ୟୁଷ ସଂପୂର୍ଣ୍ଣ ଅଦୃଶ୍ୟ ହେବା ଯାଏ, ସେଠି ସେମିତି ଠିଆ ହୋଇ ରହିଥିଲା । ଆଖିରେ ଲୁହ ଜକେଇ ଆସିଥିଲା କିନ୍ତୁ କାନ୍ଦି ପାରି ନ ଥିଲା ମନ ଖୋଲି । ଅନେକ କିଛି କହିବାକୁ ଚାହୁଁ ଥିଲା ପ୍ରତ୍ୟୁଷକୁ, କିନ୍ତୁ କିଛି କହି ପାରିଲାନି । ସୋନାଲି ଭାବି ହେଉ ଥାଏ - ବାପା ମାଆ ପ୍ରତ୍ୟୁଷ ସହିତ ବିବାହ ଠିକ୍ କରିଦେଲେ । ନିର୍ବନ୍ଧ ମଧ୍ୟ ହୋଇଗଲା । କିନ୍ତୁ ବିବାହ ତିଥି ଏକ ବର୍ଷ ପରେ ରଖିଲେ । ଦୁହିଁଙ୍କ ମଧରେ ପ୍ରଥମେ ପ୍ରଥମେ ହ୍ୱାଟସପ୍ ଚାଟିଂ । ତା'ପରେ ଘଣ୍ଟା ଘଣ୍ଟା ଫୋନ୍‌ରେ କଥାବାର୍ତ୍ତା । ପ୍ରତ୍ୟୁଷ ଅନୁଭବି ପ୍ରେମିକଟେ ନୁହେଁ କି ପ୍ରେମ ତାର ଅଭିନୟ ନୁହେଁ । ଧିରେ ଧିରେ ଦୁହିଁଙ୍କ ସମ୍ପର୍କ ବଢିବାକୁ ଲାଗିଲା । ସିନେମା ଓ ଧାରାବାହିକର ପ୍ରେମିକା ପରି କିଛି ନ କହିଲେ ବି ପ୍ରତ୍ୟୁଷର କଥାବାର୍ତ୍ତାରୁ ପ୍ରେମିକ ପଣଟି ବୁଝିନେଲା ସୋନାଲି । ପ୍ରେମ-ଶାଶ୍ୱତ, ପ୍ରେମ-ଚିରନ୍ତନ । ପ୍ରେମ-ଅବ୍ୟକ୍ତ, ପ୍ରେମ-ଅଭିମାନ । ପ୍ରେମ ଅନ୍ଧାର ମଧ୍ୟରେ ଆଲୋକ । ପ୍ରେମ ଅକୁହା ମନର ଅଲେଖା ସ୍ୱନ୍ଦନ । ତଥାପି ସୋନାଲି ମନ ରେ ଅଜସ୍ର ପ୍ରଶ୍ନ, ସବୁ ପ୍ରଶ୍ନ ଗୁଡିକ ତାକୁ ଅଡୁଆ ତଡୁଆ କରି ଛନ୍ଦି ପକାଉଥାଏ । ସେ ତା' ପ୍ରଶ୍ନର ଜାଲ ଭିତରେ, ଖୋଜି ଖୋଜି ଉତ୍ତର ପାଏନି । ବେଳେ ବେଳେ ଭାବେ ସତରେ କଣ ପ୍ରେମରେ ଆଖିର ଭାଷା ପଢିହୁଏ ? ମୁହଁରେ ପ୍ରକାଶ ନ କରି ମନର ଭାଷା ବୁଝି ହୁଏ ? ଅନ୍ତରରୁ ଡାକିଲେ ଅନ୍ତରଙ୍ଗ ମଣିଷ ପାଖରେ ସେ ଡାକ ପହଞ୍ଚିପାରେ ? ଯଦି ଏ କଥା ସତ ତେବେ ପ୍ରତ୍ୟୁଷ କାହିଁକି ବୁଝି ପାରେନି ତା ମନ କଥା । ତା ପ୍ରାଣ ଯେବେ ବ୍ୟାକୁଳ ହୋଇ ବାର୍ ବାର୍ ତାକୁ ହୃଦୟ ଖୋଜେ, କାହିଁକି ସେତେବେଳେ ସେ ଜାଣି ପାରେନି ? କୁହନ୍ତି ପ୍ରେମ ଏକ ଅନୁଭବ, ନା ତା'କୁ ସ୍ୱର୍ଶ କରି ହୁଏ ନା କେବେ ପାଇ ହୁଏ । ତେବେ କ'ଣ ପ୍ରତ୍ୟୁଷ ଆଉ ତାର ସମ୍ପର୍କରେ ସେ ଗଭୀରତା ନାହିଁ ନା ତାଙ୍କ ପ୍ରେମରେ ସତ୍ୟତା ନାହିଁ ?

ଛି... ଛି... ! ଏ ସବୁ ଯେତେ ବାଜେ କଥା, ସେ କେମିତି ସନ୍ଦେହ କରିପାରୁଛି ପ୍ରତ୍ୟୁଷକୁ । ସେ ଯେ ତାକୁ କେତେ ଭଲ ପାଏ ଏ କଥା ସେ ନିଜେ ଜାଣିଛି । ବାପା ମା' ସିନା ବିବାହ ଠିକ୍ କରିଦେଲେ ହେଲେ ଏହା ଭିତରେ ସେ ସମ୍ପୂର୍ଣ୍ଣ ନିଜର କରି ସାରିଲାଣି ପ୍ରତ୍ୟୁଷକୁ । ବେଳେ ବେଳେ ମନରେ ସନ୍ଦେହ ଆସେ, ଆମ ଗାଁ ରୀତା ଅପାର ନିର୍ବନ୍ଧ ହୋଇ ଛଅ ମାସ ପରେ ଭାଙ୍ଗିଗଲା । ସେ ପୁଅ ଆଉ ଗୋଟିଏ ଯାଗାରେ ବିବାହ କଲା । ରୀତା ଅପା ଟାହି ଟାପରାର ଶରବ୍ୟ ହୋଇ ଶେଷରେ ବହୁଦିନ ପରେ ସେ ଟାଉଟର ନାଥକୁ ବିବାହ କଲା । ମନକୁ ମନ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲା ସୋନାଲି, ହେଲେ କାହିଁକି କେଜାଣି ତା ପ୍ରଶ୍ନର ମନଭୁଲା ଉତ୍ତର ଗୁଡ଼ିକୁ ମାନି ନେବାକୁ ପ୍ରସ୍ତୁତ ନ ଥିଲା । ଅଜଣା ଆଶଙ୍କା ଆଉ ଦ୍ୱନ୍ଦ୍ୱରେ ତା'ମନଟି ଆନ୍ଦୋଳିତ ହେଉଥିଲା । ନିର୍ବନ୍ଧର ତିନି ମାସ ପରେ ପ୍ରତ୍ୟୁଷ ପ୍ରତି ତା ଭଲ ପାଇବା ସୃଷ୍ଟି ହେଉଥିଲା । ପ୍ରଥମ କରି ସେଦିନ ସୋନାଲି ଅନୁଭବ କରିଥିଲା ତନୁମନରେ ଏକ ନୂତନ ରୋମାଞ୍ଚ । ନୂତନ ଶିହରଣରେ ପୁଲକି ଉଠୁଥିଲା ତନୁମନ । ମନ ତାର ପକ୍ଷୀରାଜ ଘୋଡ଼ା ଚଢ଼ି ଯେମିତି ଘୁରି ବୁଲୁଥିଲା । ସେଦିନ ଭାଲେଣ୍ଟାଇନ୍ ଡେରେ ପ୍ରତ୍ୟୁଷ ପ୍ରେମ ନିବେଦନ କରିଥିଲା ସୋନାଲିକୁ । ଏହା ପରେ ଗଡ଼ି ଚାଲିଥିଲା ତାଙ୍କ ସମ୍ପର୍କର ଚକ । ଦୀର୍ଘ ସାତ ମାସର ସମ୍ପର୍କ ଆଜି ସୋନାଲିକୁ କାହିଁକି କେଜାଣି ବହୁ ଅସମାହିତ ପ୍ରଶ୍ନରେ ଛନ୍ଦି ପକାଇଛି । ପ୍ରଥମେ ପ୍ରଥମେ ବେଶ୍ ରୋମାଞ୍ଚକ ଭାବରେ ଦିନ ଗୁଡ଼ା ହସ ମଜାରେ କଟି ଯାଉଥିଲା । ତା'ପରେ ଧିରେ ଧିରେ ଆରମ୍ଭ ହେଲା ମନୋମାଳିନ୍ୟ, ଟିକେ ଟିକେ କଥାରେ ରାଗ, ରୁଷା, ଅଭିମାନ । ପ୍ରେମରେ ତ, ଏମିତି ସବୁ ହୁଏ । ହେଲେ ପ୍ରତ୍ୟୁଷ ଏଥର ଅଣଦେଖା କଲା ସୋନାଲିକୁ । ଦୁହିଁଙ୍କ ମଧରେ ବଢ଼ିବାକୁ ଲାଗିଲା ସମ୍ପର୍କର ତିକ୍ତତା । କ୍ରମେ ସୋନାଲି ବି ହୋଇ ଉଠିଲା ଉଶୃଙ୍ଖଳିତା, ସ୍ୱେଚ୍ଛାଚାରୀ । ପ୍ରତ୍ୟୁଷର କୌଣସି କଥାକୁ ଖାତିର କରିଲାନି କି ତାକୁ ଗୁରୁତ୍ୱ ଦେଲାନି । ସୋନାଲିର ଏତାଦୃଶ ବ୍ୟବହାରରେ ପ୍ରତ୍ୟୁଷ ମନରେ ଆଘାତ ଆସିଲା । ଏଥିପାଇଁ ଦୁହିଁଙ୍କ ମଧରେ ନିଇତି କଳହ । ପ୍ରତ୍ୟୁଷ ଚାହେଁ ତା ଇଚ୍ଛା ବିରୁଦ୍ଧରେ ସୋନାଲି ଯେମିତି କୌଣସି କାର୍ଯ୍ୟ ନ କରୁ । ସୋନାଲି ଯାହା ବି କରୁ ସବୁ ସେ ଜାଣିବା ଦରକାର । ପ୍ରତ୍ୟୁଷର ପୁରୁଷ ସୁଲଭ ଅଧିକାର । ଏପଟେ ସୋନାଲିର ମନ ଇଚ୍ଛା ଯିବା ଆସିବା, ଚାକିରୀ ଖୋଜିବା ପ୍ରତ୍ୟୁଷକୁ ଜମା ଭଲ ଲାଗେ ନାହିଁ । ଆଜିର ଝିଅ ସୋନାଲି । ତାର ବ୍ୟକ୍ତିଗତ ଜୀବନର ସବୁ କଥାରେ ପ୍ରତ୍ୟୁଷର ହସ୍ତକ୍ଷେପକୁ ଆଦୌ ସହ୍ୟ କରି ପାରିଲା ନାହିଁ । ଏଥିପାଇଁ ଦୁହିଁଙ୍କ ଭିତରେ ବହୁ ବାର କଥା କଟା କଟି । ସୋନାଲିର ସାଙ୍ଗମାନେ ମଧ ତାକୁ ଶିଖାଇଲେ, ବତାଇଲେ । କୁହାଯାଏ 'ପର ବୁଦ୍ଧି ଭୟଙ୍କରୀ' । ପ୍ରଥମେ ପ୍ରଥମେ ରାଗ, ଅଭିମାନ, ମତାନ୍ତର, ମନାନ୍ତର । ପ୍ରତ୍ୟୁଷ ଅନେକଥର ସୋନାଲିକୁ ବୁଝେଇବାକୁ ଚେଷ୍ଟା କରିଛି - ଗୋଟିଏ ଚାକିରୀରେ ଦୁହେଁ ଚଳି ପାରିବା ଇତ୍ୟାଦି ଇତ୍ୟାଦି, କିନ୍ତୁ କିଛି ଫଳ ମିଳିନାହିଁ । ସତରେ ଆଜିକାଲି ପିଢିର ସମ୍ପର୍କଟା କ'ଣ ଏତେ ଶସ୍ତା ? ସମ୍ପର୍କଟା କ'ଣ ଏତେ ଫିକା ? ଆଜିକାଲିକା ଏଇ ବିଶୃଙ୍ଖଳିତ ସମାଜରେ ଏ ପ୍ରେମର କିଛି ମାନେ ନାହିଁ ? କ'ଣ ଏଇ ଇଚ୍ଛାର ଦୁନିଆରେ ସମ୍ପର୍କର ମାନେ କିଛି ନାହିଁ ? ଭଲ ପାଇବାର ଏଇ ସମ୍ପର୍କ ଭିତରେ କିଏ କାହାକୁ ଟିକିଏ ବି ବଦଳେଇ ପାରିବନି ? ନିଜ ମନ ଓ ହୃଦୟର ମଣିଷଟି ଟିକେ ଆଡଜଷ୍ଟ୍ କରିପାରିବନି ? ତେବେ କି ଲାଭ ଏ ମିଛି ମିଛିକା ଦେଖଣିଆ ସମ୍ପର୍କରେ ? ସମ୍ପର୍କଟେ ଯୋଡ଼ି ହୋଇଯାଏ ଅତି ସହଜରେ । ଆଉ ସେ ସମ୍ପର୍କ ଭାଙ୍ଗିଯିବା ପୂର୍ବରୁ ପରସ୍ପରକୁ ଠିକ୍ ଭାବରେ ବୁଝି ପାରିଲେ ? ନା ଭବିଷ୍ୟତ ଜୀବନ ବିଷୟରେ କିଛି ଅନୁଭବ କରି ପାରିଲେ ? ଆମେ ସାରା ଜୀବନ ସାଥୀ ହୋଇ ଏକା ଛାତ ତଳେ ରହିବାର ପ୍ରତିଶ୍ରୁତିବଦ୍ଧ ହୋଇପାରିଲେ ? ଆଜି ପ୍ରତ୍ୟୁଷ ସହ ବିତେଇ ଥିବା ଖୁସିର ମୁହୂର୍ତ୍ତ ଗୁଡ଼ିକୁ ମନେ ପକେଇ ରୋମାଞ୍ଚିତ ହେଉଥିଲା ସୋନାଲି । ନିଜ ଭୁଲ୍ ନିଜେ ବୁଝିଲା ବେଳକୁ 'ନେଡି ଗୁଡ କହୁଣୀକୁ ବୋହି ସାରିଛି' । ଆଜି ଯେଝା ବାଟରେ । ପରିବର୍ତ୍ତିତ ଆଧୁନିକ ସମାଜରେ କାହିଁକି ଏମିତି ବଦଳି ଯାଉଛି ସମ୍ପର୍କର ପ୍ରତିଛବି । କାହିଁକି ସନ୍ଦେହ, ଅସହିଷ୍ଣୁତା ତାର ସବୁ ମଧୁରତାକୁ ସାରି ଦେଇଛି ? ଏ ପ୍ରଶ୍ନର ଉତ୍ତର ସୋନାଲି ଖୋଜି ପାଉ ନ ଥିଲା । ସବୁ ତାକୁ ଧୂସର ଏବଂ ଧୂଆଁଳିଆ ଦେଖାଯାଉ ଥିଲା । କୁହନ୍ତି ମନ ଆବେଗର ପରିଭାଷାକୁ ବୁଝି ଆପଣାଇଲେ ସୃଷ୍ଟି ହୁଏ, ଏକ ସୁନ୍ଦର ସମ୍ପର୍କ । ସମ୍ପର୍କ ମାନବ ହୃଦୟ ଆଶାର କୋଣାର୍କ ...।

+ ନୟାଗଡ଼,
ମୋ: ୯୪୩୭୯୮୫୮୬୬

# ମାଟି ମଣିଷ

ପ୍ରଫୁଲ୍ଲ ବାରିକ

ସକାଳ ଆଠରୁ ଆସି ହେଲା ରାତି ନଅ । ତମାମ ଦିନ ବିତି, ରାତି ଘନେଇଲାଣି । ନା ଲୋକର ଦେଖା, ନା ଖବରାଖବର । ପିଲା ଦିଇଟା ଦି'ପହର ବଳକା ଖାଦ୍ୟ ଖାଇ ଶୋଇଲେଣି । ଗାଁ ଭୂଇଁ କଥା । ସଞ୍ଜ ଗଡୁଗଡୁ କବାଟ ପଡିଲାଣି । ଶୁନଶାନ ଦାଣ୍ଡରେ ରହି ରହି କୁକୁରଙ୍କ ବୋବାଳି ।

ଲକ୍ଷ୍ମୀ ବସିଛି ପିଲାଙ୍କ ବିଛଣା ଧାରକୁ ଜାକିଜୁକି ହେଇ ମୁହଁକୁ ପିତାକରି । କାନ ପାରୁଛି ପାଦ ଶବ୍ଦକୁ । ମନର କ୍ରୋଧ ଅଭିମାନ କେତେବେଳେ ନିଆଁଝୁଲ ହେଇ ଝରୁଛି ଆଖିରୁ, ତ କେତେବେଳେ ଦୁର୍ବଳ ଛାତିର କୋହ ଲୁହହେଇ ନିଗୁଡୁଛି ଗାଲଦେଇ । ମୂର୍ତ୍ତିଟିଏ ପରି ବସିଛି ଲକ୍ଷ୍ମୀ ଚଳତଶକ୍ତିହୀନ ହେଇ ।

ଯେତିକି ଯାଇଛନ୍ତି, ଆଉ କାହାରି ଘରେ ଇମିତି ଅବସ୍ଥା ନଥିବ । ସେମାନେ ଧୁରନ୍ଧର । ଅଭିଜ୍ଞ । ଦିନକ ଜାଗାରେ ତିନିଦିନ ରହିଲେ ଫରକ ପଡ଼େନା ପରିବାର ଉପରେ । ଇଏତ ସିମିତି ନୁହେଁ । ନା କାହାର ଖାଏ, ନା ଧାରେ । ନା ଧାଏଁ କାହା ପଛରେ । ତା ଜମି, ତା ବାରି ଠିକତ, ଠିକ ସିଏ । ଲାଗିଥିବ ରାତିଦିନ । ମଝିରେ ମଝିରେ ମୂଲ ମିଳିଲା ତ ଯିବ ଖଟିବାକୁ । ବାସ୍, ଏତିକିରେ ବନ୍ଧା ତା ଜୀବନ । ଯା ବାହାରକୁ ପାଦ ବଢ଼ାଏନା ।

ଖରାଦିନେ ଲଘୁଚାପ । ନ ଦେଖିଥିବା ଦୃଶ୍ୟ ଦେଖୁଚି ଆଖି । ଦି'ତିନି ଦିନ କସିକି ବର୍ଷିବା ପରେ ଛାଡି ପୁଣି ପୂର୍ବାବସ୍ଥା । ଯୋଉ ଖରାକୁ ସେଇ ଖରା । ହେଲେବି ବର୍ଷା ହେତୁ ବତୁରି ଯାଇଛି ମାଟି । ଖରାଟିଆ ଦୁଇଓଡ଼ ଦେଇଦେଲେ ଘାସ ବାଲୁଙ୍ଗା ନଥିବ ପଛକୁ । ସମସ୍ତେ ଲାଗି ପଡିଛନ୍ତି ସେଇ ନିଶାରେ । ଲଖଣବି ଦି'ଦିନ ଟ୍ରାକ୍ଟର ପଛରେ ଧାଇଁ ସୁଯୋଗ ପାଇଥିଲା । ଆଜିକୁ ଥିଲା ତାଙ୍କ ଯମି । କାଲି ସଞ୍ଜକୁ ଛକରୁ ଫେରି କହିଲା, ଟ୍ରାକ୍ଟର କାଲିକୁ ବନ୍ଦକଲି । ଲକ୍ଷ୍ମୀ କହିଲା - ବହୁତ କଷ୍ଟରେ ମିଳିଥିଲା । କାଇଁ ବନ୍ଦକଲ ? ଲଖଣ କହିଲା, କାଲିକୁ ଅଛି ରାଲି । ନେତା କହିଛନ୍ତି ଯିବାକୁ ସମସ୍ତଙ୍କୁ । ନଗଲେ ପରେ ବୁଝିବ । ସହଯୋଗ କଲେ ସାହାଯ୍ୟ ପାଇବ । ଡରରେ ସମସ୍ତେ କାମ ବନ୍ଦକରି ବାହାରିଛନ୍ତି । ମୁଁ କାଇଁକି ରହିବି ? କିଛି କରନ୍ତିତ ରାଗ ରଖିକି ? କାହା ପାଖକୁ ଯିବି ସେତେବେଳେ ?

ଲକ୍ଷ୍ମୀ ଦଣ୍ଡେ ଚୁପ୍ ବସି କହିଲା - କାଲି କେତେବେଳକୁ ଯିବ ? ଯିବାର ବ୍ୟବସ୍ଥା କଣ ଶୁଣେ ?

- ସକାଳ ଆଠକୁ ଟ୍ରକ ଲାଗିବ ଛକରେ । ଗାଧେଇ ଖାଇ ବସିବାକୁ ହବ ଯାଇ ଡାଲାରେ । ଦି' ପହର ଖିଆ ସେଇଠି, ତାଙ୍କ ତରଫରୁ ।

କଥା ଅନୁସାରେ ଲଖଣ ଯାଇଛି ସକାଳୁ । ଆସି ହେଲାଣି ରାତିନଅ । ରାଲି କଣ ଏଯାକେ ହଉଚି ? ଅନେଇ ଅନେଇ ଆଖିରୁ ପାଣି ମଲାଣି । ଆଉ କେତେ ସମୟ ବସିବ ? ଭାବିଲା ପିଲାଙ୍କ ପାଖକୁ ଲାଗି ଟିକେ ଗଡିପଡିବ । ପାଟି ଶୁଭିଲେ ପଛେ ଉଠିବ ।

ଅଧଘଣ୍ଟା ଗଡିଛି ଭାବିଲା ବାହାରୁ ଆସି କବାଟ କିଳି ଶୋଇଯିବ । କେତେବେଳେ ଆସୁଛି ଆସୁଥାଉ । ସିଏ ଆଉ ବସି ପାରିବନି ଅନିଦ୍ରାରେ । ଲକ୍ଷ୍ମୀ ଦାଣ୍ଡ କବାଟ ଖୋଲି ବାହାରକୁ ଖାଲି ପାଦ ବଢ଼େଇଛି, ମାଆଲୋ ବୋଲି ଚିତ୍କାର କରି ଭିତରକୁ ଆସି କବାଟ ବନ୍ଦ କରିଦେଲା । କିଏସେ ଗୋଟା ହେଟମୁଣ୍ଡିଆ ହେଇ ପଡିଛି ଚିତକାତ ଦୁଆରେ । ମଣିଷ, କି ଭୂତ କିଜାଣି । ଗୋଟା ଦେହ ଥରୁଛି ଲକ୍ଷ୍ମୀର । ପାଟି ଖନି ମାରିଯାଉଛି । ଲକ୍ଷ୍ମୀ ପିଲାଙ୍କୁ ଉଠେଇ କହିଲା - ଆସ ତ, ସାଙ୍ଗ ହେଇ ଯିବା । ଦେଖିବା କିଏ ସିଏ ?

ପିଲାମାନେ ମାଆର ଅବସ୍ଥା ଦେଖି ଡରିଗଲେବି ସାହାସ କଲେ ଯିବାକୁ । ତିନିଜଣ ଯୋଡିଯାଉଁଳି ହେଇ ଧୀରେ କବାଟ ଖୋଲିଲେ । ସେଇ ଦୃଶ୍ୟ । ଦେଖୁ ଦେଖୁ ଲକ୍ଷ୍ମୀ କବାଟ ବନ୍ଦ କରିବାକୁ ଯାଉଛି, ବଡ଼ପୁଅ କହିଲା - ଇଏ ଆମ ବାପା । ମୁଁ ଦେଖିଲି ତାଙ୍କ ମୁହଁକୁ । କବାଟ ଖୋଲ ଦେଖିବା ।

କବାଟ ଖୋଲା ହେଲା । ଏଥର ପଳେ ସାହାସ ପାଇ ତିନି ଜଣ ଆସି ଦେଖିଲେ ପାଖରୁ । ଲଖଣ ପଡିଛି ବେହୋସ ହେଇ । ପାଟିରୁ ରକ୍ତ ଦି'କଳ ଦେଇ ନିଗିଡି ଶୁଖି ଯାଇଛି । ମୁହଁ କଳା କିଟି କିଟି । ଧରି ହବନି ହଠାତ ବଂଚିଛି, କି ମୃତ । ହେଲେ ନିଶ୍ୱାସ କହୁଛି ବଂଚିଛି । ବାପା ବାପା ବୋଲି ଯେତେ ଗଡେଇ ପଡେଇ ଡାକିଲେବି ଲଖଣ ନିରୁତ୍ତର ।

ଲକ୍ଷ୍ମୀ ଆରମ୍ଭ କରିଦେଲା ବୁକୁଫଟା ବାହୁନା । ଶବ୍ଦରେ ପଡୋଶୀ ଉଠି ରୁଣ୍ଡ ହେଇଗଲେ । ଲଖଣକୁ ଉଠେଇ ପାଣି ଛାଟିବାରୁ ହୋସ ଆସିଲା । ଆଖି ଖୋଲିଲା । ତାକୁ ଟେକି ଟେକି ନେଇ ଶୁଆଇ ଦେଲେ ଘରେ ।

ରାତି ପାହିଲା । ତେବେବି ନିଘୋଡ଼ ନିଦରେ ଶୋଇଥାଏ ଲଖଣ । ତା ଅବସ୍ଥା ଦେଖି ଲକ୍ଷ୍ମୀ ଡାକୁ ନଥାଏ । କେତେବେଳେ ଉଠୁଚି ଉଠୁ । ପହଁରା ଧରି ଦାଣ୍ଡ ଓଳଉଛି, ମଧୁ ଆସି ପହଂଚିଲା । ସନ୍ତର୍ପଣରେ ସଂକୁଚିତ ହେଇ ପଚାରିଲା - ଲଖଣ ଭାଇ ଅବସ୍ଥା କଣ ? ଉଠିଲାଣି ?

ଲକ୍ଷ୍ମୀ ସ୍ୱାଭାବିକ ଭାବେ ଗତ ରାତିର ଅଭିଜ୍ଞତା ଗୋଟି ଗୋଟି କରି କହିଲା ମଧୁକୁ । ମଧୁ ଏଇ ଗାଁ'ର । ସେମୁଣ୍ଡକୁ ଘର । ଭାରି ପରୋପକାରୀ । ମଧୁ ଆଉ ଲୁଚେଇ ପାରିଲାନି । ଖୋଲି ଦେଲା କଥା । କହିଲା - ଆମେ ଆଣି ଶୁଆଇ ଦେଇ ଯାଇଥିଲୁ କାଲି ରାତିରେ, ଦୁଆରେ ।

- ତମେ ଆଣିଥିଲ ? ଡାକିଲନି ମୋତେ ?

ଆଶ୍ଚର୍ଯ୍ୟ ହେଇ ପଚାରିଲା ଲକ୍ଷ୍ମୀ ।

- ଦେଖ ଭାଉଜ, ଯୋଉ ଅବସ୍ଥା ସେତେବେଳେ, ଦେଖିଥିଲେ ତମେ ଛାଡି ନଥାଆନ୍ତ ଆମକୁ । ଭୟରେ ନଡାକି ଚୁପଚାପ ଶୁଆଇ ଦେଇ ଚାଲିଗଲୁ । ଭାବିକିଯେ ଉଠିଲେ ତମେ ଦେଖିବ ।

- ଏ ଅବସ୍ଥା କଣ ପାଇଁ ? ମୁଁ ବାହାରକୁ ନଯାଏ ନା ନଦେଖେ । ନାଇଁତ ସାରା ରାତି ପଡିଥାଆନ୍ତା ସେଇଠି । ସକାଳକୁ ଥାଆନ୍ତା ଜୀବନ ? ନା ଯାଇଥାନ୍ତା କୁକୁର ବିଲୁଆଙ୍କ ପାଟିରେ ?

ଲକ୍ଷ୍ମୀ ଥରୁଥାଏ ରାଗରେ ।

ମଧୁ ଅବସ୍ଥା ଚକ୍ରରେ ନରମି ଧୀର ଗଳାରେ କହିଲା - ଦେଖ ଭାଉଜ,ଭଗବାନ ଏତେ ନିଷ୍ଠୁର ନୁହନ୍ତି । ସିମିତି କିଛି ଅଘଟଣ ଘଟିନି । ତମେ ଶାନ୍ତ ହୁଅ । ସବୁ କହିବି ।

ପିଣ୍ଡାରେ କାନ୍ଥକୁ ଆଉଜି ବସି ମଧୁ କହିଲା - ଗୋରୁଙ୍କ ପରି ଭର୍ତ୍ତିକରି ଡାଲାରେ, ନେଇ ଆମକୁ ସେଠି ଉତ୍ତାରି ଦେଲେ । ବିରାଟ ସଭା । କେତେ ନେତା ମନ୍ତ୍ରୀ ଧୋବଧୋବଳିଆ । ବିରାଟ ମଞ୍ଚରେ ଏମୁଣ୍ଡରୁ ସେମୁଣ୍ଡ । ସମସ୍ତଙ୍କ ଭାଷଣ ସରୁସରୁ ଏଗାର ବାର । ସେଠୁ ଆରମ୍ଭ ରାଲି । ରାସ୍ତା ଦିପଟେ ଧାଡି କାଇଁ କେତେଦୂର । ମାଇକିରେ ନାରାବାଜି । ତହସିଲ ଅଫିସରେ ପହଂଚି ପୁଣି ସଭା । ସେଠି ନଥିଲା ମଞ୍ଚ କି ସଜ୍ଜାସଜି । ବିଚ୍ ରାସ୍ତାରେ ଭାଷଣ ଆଉ ନାରା । କେଇଜଣ ଗଲେ ଭିତରକୁ କାଗଜ ଧରିଯେ ଆସୁ ଆସୁ ଘଣ୍ଟାଏ । ଦି'ଟା ବାଜି ସାରିଥାଏ । ନିର୍ଦ୍ଦେଶ ପାଇ ପହଂଚିଲୁ ଆସି ଖାଇବା ଜାଗାରେ । ଧାଡି ଲମ୍ବିଥାଏ । ଆମେ ଯୋଉଠି ଠିଆ ହେଲୁ, ସେଠୁ ଖାଇବା ଅଧା ମାଇଲି । ପେଟରେ ଦୌଡୁଥାଏ ମୂଷା । ଠେଲିପେଲି ପହଂଚିଲା ବେଳକୁ ହାଣ୍ଡି ଡ଼େକଚି ଖାଲି । ପଚାରିବାରୁ ଉତ୍ତର ମିଳିଲା, ଅଧିକ ସଂଖ୍ୟା ହେତୁ ଅବସ୍ଥା ଏଇଆ । ଟଙ୍କା ତିନିଶହ କରି ଧରେଇ କହିଲେ, ହୋଟେଲରୁ ଖାଇନବ । ଭୋକ ପେଟରେ ଟଙ୍କା ଧରି ଧାଇଁଲୁ ହୋଟେଲକୁ । ଗୋଟା ପରେ ଗୋଟା ପଚାରି ଚାଲିଲୁ । ଏକା ଅବସ୍ଥା ହୋଟେଲ ମାନଙ୍କରେ । ସେଠୁ ଜଳଖିଆ ଦୋକାନ । ସେଠିବି ଖାଲିଭାଣ୍ଡ ଅନେଇଥିଲା ଆମକୁ । ନିରାଶ ହେଇ ଆସି ବସିଲୁ ଥକ୍କାରେ । ଜୀବନ ନଥାଏ ଦେହରେ । ଜଣେ ପ୍ରସ୍ତାବ ଦେଲେ, ଟ୍ରକ ଚାଲି ଗଲାଣି କେତେବେଳୁ । ଆମକୁ ଚାଲିଚାଲି ଫେରିବାକୁ ହବ । ଭୋକ ପେଟରେ ପାଞ୍ଚ ମାଇଲି ଚାଲି ଫେରିବା ସମ୍ଭବ ନୁହେଁ । ଗୋଟେ ଗୋଟେ ହାପ ଆଣି ମାରିଦେବା । ହାଲ୍କା ହାଲ୍କା ନିଶାରେ ଚାଲିଯିବା । ବାଟ ବାଧିବ ନାଇଁ । ସର୍ବ ସମ୍ମତିରେ ପ୍ରସ୍ତାବ ଗୃହୀତ ହେଇଗଲା ଯେହେତୁ ଆଉ ବିକଳ୍ପ ନଥିଲା । ସମସ୍ତେ ଶହେ କରି ଦେଲେ ମିଳିଥିବା ଟଙ୍କାରୁ । ଲଖଣ ଭାଇ ପିଏନା । ସମସ୍ତେ ଅନେଇଥିବା ବେଳେ ତାକୁ, ଭାଇ ଟଙ୍କା ବଢେଇ କହିଲା, ମୁଁ ଏକଲା କାଇଁକି ରହିବି ? ମୋ ପାଇଁବି ଆଣିବ ।



ବୋତଲ ଆସିଲା । ପଡିଆର ଗୋଟେ କଣରେ ବସି ସମସ୍ତେ ସେବନ କରୁଥାଆନ୍ତି । ଲଖଣ ଭାଇ ଏକା ଥରକେ ବୋତଲକୁ ଟେକିଦେଲା ଢକଢକ କରି ପାଣି ପିଇବା ପରି । ଟେକିଲାଯେ ପାଞ୍ଚ ମିନିଟ ଯାଇନି, ଆମର ନସରୁଣ୍ଡ କୁକୁଡ଼ା ପରି ଢୁଳେଇ ଶୋଇଗଲା ସେଇଠି ଘାସରେ । ଆଉ ଅଛି ଯେ ହୋସ ଡାକିଲେ ଶୁଣିବ । ତାକୁ ଛାଡିବି ଆସି ପାରୁନୁ । ଜଗିକି ବସିଲୁ ନିସା ଛାଡିବା ଯାକେ । ଖାଲି ପେଟକୁ ପ୍ରଥମ ପିଆ । ନିଶା ଉତ୍ତୁରିଲାନି ସଞ୍ଜ ସାତ ଯାକେ । ଥରେ ଉଠେଇଲୁଯେ ଗଛ କାଟିବା ପରି ପଡିଲା ଭୂଇଁରେ । ରାତି ବଢିଲେ ବିପଦ । ଜଣେଇଲୁ ନେତାଙ୍କୁ । ଗାଡିଟିଏ ପଠେଇ କହିଲେ, ତାକୁ ନେଇ ଯିମିତି ହେଲେ ପହଞ୍ଚା ଘରେ । ଛାଡିଗଲେ ବିପଦ । ବିରୋଧିଙ୍କ ସହ ବୁଲୁଚି କ୍ୟାମେରା । ରାତି ପାହୁ ପାହୁ ଖବର ଚରିଯିବ ମିଡ଼ିଆରେ । ତାଙ୍କ କଥାରେ ଆଣି ଶୁଆଇ ଦେଇଗଲୁ । ଡାକିଲୁ ନାଇଁ ଖାସ୍ ଡରିକି ତମକୁ । ଦେଖିଥିଲେ ତମେ କଣ ଛାଡି ଥାଆନ୍ତ ଆମକୁ ? ମଧୁ ଅନୁନୟ ହେଲା, ଆମକୁ କ୍ଷମା କରିଦିଅ ଭାଉଜ । ବରଂ ସାବାସି ଦିଅ ଲଖଣ ଭାଇକୁ ଆଣି ପହଂଚେଇଲୁ ଘରେ । ନଆଣିଥିଲେ...

ଲକ୍ଷ୍ମୀ ଶୁଣୁଥିଲା ମଧୁ ମୁହଁରୁ କଥାକୁ କେଳା ମୁହଁରୁ ସାପ ପଦ୍ମତୋଳା ଶୁଣିବା ପରି । କାହାକୁ ଦେବ ଦୋଷ ? କିଏ ଦାୟୀ ଏଥିପାଇଁ ? କିଛି ପଶୁ ନଥାଏ ମଥାରେ । ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡି ଲକ୍ଷ୍ମୀ ମଧୁକୁ କହିଲା - ଦୋଷ ମୁଁ ଦଉନି ତମ ଉପରେ । ଦୋଷ ଦଉଚି ଆମ କପାଳକୁ । ଆମେ ଗରିବ । ମାଟି ମଣିଷ । ଈଶ୍ୱରଙ୍କ ବିଚାର ଆମ ପ୍ରତି ଏଇଆ । ଯୁଗ ଯୁଗରୁ । କାଳ କାଳରୁ । ବରଂ ପହଞ୍ଚେଇ ତମେ ଦୟା କରିଛ ଆମ ପରିବାର ପ୍ରତି । ଆମେ ଋଣୀ ତମ ପାଖରେ ।

ମଧୁ ପିଣ୍ଡାରୁ ଉଠି ଦାଣ୍ଡମୁହାଁ ହେବାରୁ ଲକ୍ଷ୍ମୀ ଗଲା ଘର ଭିତରକୁ ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫.

# ଜଳବାୟୁ ପରିବର୍ତ୍ତନ ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି, ୯/୦୪ (ନି.ପ୍ର): ମାଲକାନଗିରି ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଜି-୨୦ ଶିକ୍ଷା କାର୍ଯ୍ୟକ୍ରମ ବୈଠକ ପାଇଁ ଏକ ଦିବାସୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଏକ ପାଠଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜବାହାର ନବୋଦୟ ବିଦ୍ୟାଳୟର ଅଧକ୍ଷ ସି. ଶିବରାମ ଅଧକ୍ଷତା କରିଥିବା ବେଳେ ପ୍ରକୃତି ବନ୍ଧୁ ତଥା ଯୁବ ରେଡ଼କ୍ରସର ସମ୍ପାଦକ ଡ଼ଃ.ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଜଳବାୟୁ ପରିବର୍ତନ କାରଣ ସହିତ ବୃକ୍ଷରୋପଣର ଉପକାରୀତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ଖାଲିଜାଗାରେ ଆମ୍ବ, ଲେମ୍ବୁ, ପଣସ, କଦଳୀ, ସଜନା ଆଦି ୫୦ ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ଶର୍ଙ୍ଖ ମାରଡ଼ି, ସୁନୀଲ ପାଠକ, ପି.ଏଲ. ଲିନା, ଆରତୀ ବେହେରା, ପିନାକୀ ପଣ୍ଡା, ସତବିନ୍ଦର କୌରଙ୍କ ସମେତ ଅନ୍ୟାନ୍ୟ ଅଧାପକ ଅଧାପିକା ତଥା ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଜି-୨୦ ଶିକ୍ଷା ବୈଠକରେ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ତଥା ରଚନା, ତର୍କ, ରୁଙ୍ଗୀ ପ୍ରୟୋଗ, ଗଣ ଦୌଡ଼ କାର୍ଯ୍ୟକ୍ରମ ଆଗକୁ କରିବାର ଯୋଜନା ରହିଥିବା ଜଣାଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ପିନାକୀ ପଣ୍ଡା ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଟି ଆରୋହୀ ଦମ୍ପତିଙ୍କୁ ଧକ୍କା ଦେଲା ଟ୍ରାକ୍ଟର: ସ୍ତ୍ରୀ ମୃତ, ଇନସ୍‌ପେକ୍ଟର ଆହତ



ରାଇରଙ୍ଗପୁର, ୯/୦୪ (ନି.ପ୍ର): ସ୍କୁଟିରେ ଯାଉଥିବା ବେଳେ ରବିବାର ଟ୍ରାକ୍ଟର ଧକ୍କାରେ ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ସ୍ୱେଶାଲ ବ୍ରାଞ୍ଚ ଇନସ୍ପେକ୍ଟର ଡମାନ ଚରଣ ଟୁଡୁଙ୍କ ସ୍ତ୍ରୀ ଫୁଲମଣୀ (୪୮)ଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଶ୍ରୀ ଟୁଡୁ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଦିଆଯିବା ପରେ ସେ ସୁସ୍ଥ ଅନୁଭବ କରିଛନ୍ତି। ସୂଚନା ଅନୁଯାୟୀ ରାଇରଙ୍ଗପୁର ସ୍ୱେଶାଲ ବ୍ରାଞ୍ଚ ଇନସ୍ପେକ୍ଟର ଡମାନ ଚରଣ ଟୁଡୁ ରାଇରଙ୍ଗପୁର ବାସଭବନରୁ ସ୍ତ୍ରୀ ଫୁଲମଣି ଟୁଡୁଙ୍କ ସହ ନିଜ ଗାଁ ତିରିଂ ଥାନା ଡାଲିମା ନିକଟସ୍ଥ ରାଇବାଡି ଗ୍ରାମକୁ ସ୍କୁଟିରେ ଯାଉଥିବା ବେଳେ ରାଞ୍ଚି-ବିଜୟବାଡା ୨୨୦ ନଂ ଜାତୀୟ ରାଜପଥ ବାସିଙ୍ଗି ନିକଟରେ ଏକ ଟ୍ରାକ୍ଟର (ଓଡ଼ି-୧୧-ଜେ-୩୨୫୪) ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସ୍ତ୍ରୀ ଫୁଲମଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଇନ୍ସପେକ୍ଟର ଡମାନ ଚରଣ ଟୁଡୁ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବହଳଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଟ୍ରାକ୍ଟର ଓ ସ୍କୁଟିକୁ ଜବତ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଛି । ଏନେଇ ବହଳଦା ଥାନାରେ କେସ ନଂ ୪୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା। ପୁଲିସର ବୁଝାସୁଝା ପରେ ଅବସ୍ଥା ସ୍ୱାଭାବିକ ହୋଇଥିଲା।

# ବାପା ଚାଲି ଗଲାପରେ ଅନାଥ ତିନିଭାଇ ଭଉଣୀଙ୍କ କରୁଣ କାହାଣୀ: ଆହା କହିବାକୁ କିଏ ନାହାନ୍ତି ପାଖରେ

ମାଲକାନଗିରି, ୯/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଧୂଙ୍ଗିଆ ପୁଟ ଗ୍ରାମ ପଂଚାୟତ ପାତ୍ର ପୁଟ ଗ୍ରାମରେ ତିନି ଅନାଥ ପିଲା ଦୟନିୟ ଅବସ୍ଥା ରେ ଦିନ କାଟୁଛନ୍ତି । ଅସହାୟ ଲୋକଙ୍କୁ ସମସ୍ତ ସୁବିଧା ପହଂଚାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଏହା ଦ୍ୱାରା ଅନେକ ଉପକୃତ ହେଉଥିବାବେଳେ କିଛି ସ୍ଥାନରେ ପ୍ରଶାସନ ଅବହେଳା ପାଇଁ ଅସହାୟ ଲୋକେ ସରକାରୀ ସୁବିଧାରୁ ବଂଚିତ ହେଉ ଥିବା ସହ ନାନା ସମସ୍ୟା ର ସାମ୍ନା କରୁ ଥିବାର ଦେଖିବା ମିଳୁଛି ! ଏହିପରି କିଛି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଧୂଙ୍ଗିଆ ପୁଟ ପଂଚାୟତ ପାତ୍ର ପୁଟ ଗ୍ରାମରେ ଗୋଟିଏ ପରିବାର ତିନି ଭାଇ ଭଉଣୀବାପା ଗୌରୀ ଦୋରା ଦେଢ଼ ବର୍ଷ ହବ ଆରପାରୀକୁ ଚାଲିଗଲା ପରେ ମା ସୁବର୍ଣ୍ଣ ଦୋରା ଅନ୍ୟ ପୁରୁଷର ହାତ ଧରି ଚାଲିଯାଇଛନ୍ତି। ଏପଟେ ସରକାର ସାହାଯ୍ୟ କିଛି ଚାଉଳକୁ ନେଇ ତିନି ଭାଇ ଭଉଣୀ ଚଳୁ ଛନ୍ତି ସେମାନଙ୍କ ପାଖରେ କିଛି ସରକାରୀ ସୁବିଧା ଆଜି ପର୍ଯ୍ୟନ୍ତ ପହଂଚି ପାରୁନାହିଁ । ମିଳିଥିବା ସୂଚନା ଅନୁଯାଇ ଗ୍ରାମ ର ଗୌରୀ ଦୋରା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଥିଲେ ଚିକିତ୍ସା ଧିନ ଅବସ୍ଥାରେ ପ୍ରାଣ ହରାଇ ଥିଲେ ମା ସୁବର୍ଣ୍ଣ କିଛିମାସ ପରେ ଅନ୍ୟ ଜଣଙ୍କ ହାତ ଧରିଥିଲେ ତେବେ ଏହି ପରିବାର ପାଇଁ ନିଷ୍ଠୁର ସାଜିଛି ଦଇବ ଅସହାୟ ଅବସ୍ଥାରେ ପାତ୍ର ପୁଟ ଗ୍ରାମ ର ଗୌରୀ ଦୋରାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ଏହି ତିନି ଭାଇ ଭଉଣୀ ଅଭିଶପ୍ତ ଜୀବନ ବିତାଉଛନ୍ତି । ସରକାରଙ୍କ ଅସହାୟ ଓ ଦାରିଦ୍ର ନିମନ୍ତେ ଅନେକ ଯୋଜନା ଥିଲେ ମଧ୍ୟ ତାଙ୍କ ପରି ବାର ନିକଟରେ କୌଣସି ଯୋଜନା ପହଂଚି ପାରୁନାହିଁ କ୍ଷ ଏହି ପରିବାର ଏକ ଦଦରା ଘରେ ଜରି ପଲି ଥିନ ଟାଣି ଭିତରେ ରହୁଛନ୍ତି । ବଡ଼ ଝିଅ ଦିନମଜୁରୀଆ ଭାବେ ଖଟିଯାହା ଆଣନ୍ତି ସେତିକିରେ ମୁଠେ ଦଣ୍ଡେ ଜିଇଁବା ଛଡା ଆଉ କିଛି ବିକଳ୍ପ ନାହିଁ ଏମାନଙ୍କ ପାଖରେ । ଗ୍ରାମବାସି ମଧୁ ସୁଦନ ନାୟକ,ପଦ୍ମ ଦୋରା ଓ ଗୁରୁ ଦୋରା ପ୍ରମୁଖ କହିଛନ୍ତି ଏ ମାନେ କୌଣସି ସରକାରୀ ସୁବିଧାପାଇବାରୁ ବଂଚିତ !ଏଥି ନେଇ ମାଥିଲି ବ୍ଲକ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲୁ କିନ୍ତୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଏ ନେଇ ମାଥିଲି ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଫୋନ ଜଗେ ଯୋଗା ଯୋଗ କରିବାରୁ ସେ ପାତ୍ରପୁଟ ଗ୍ରାମକୁ ଯାଇ ଗୌରୀ ଦୋରାଙ୍କ ପରିବାର ସହ ମିଶି ତାଙ୍କୁ କିଛି ଆର୍ଥିକ ସହାୟତ ସହିତ କିଛି ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିଥିଲେ ।

# ବଲାଙ୍ଗିର ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରିଣୀ ବୈଠକ

## ଶୀଘ୍ର ଦାବି ପୁରଣ ନହେଲେ ଅନ୍ଦୋଳନକୁ ଓହ୍ଲାଇବ ସଂଘ

ବଲାଙ୍ଗିର, ୯/୦୪ (ନି.ପ୍ର): ସ୍ଥାନୀୟ ମାଲପଡା ସ୍ଥିତ ବଲାଙ୍ଗିର ରେଳ ଉପଭୋକ୍ତା ସଂଘର କାର୍ଯ୍ୟାଳୟ ଠାରେ ବଲାଙ୍ଗିର ଜିଲା ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରିଣୀ ବୈଠକ ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ସାଧାରଣ ସଂପାଦକ ନାରାୟଣ ପାଢୀ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ । ସଂଘର କାର୍ଯ୍ୟକାରିଣୀ ସଦସ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନୂତନ ପ୍ରସ୍ତାବ ଗୁଡିକ ଉପସ୍ଥାପନ କରିଥିଲେ । ବଲାଙ୍ଗିର ରେଳ ଷ୍ଟେସନରେ ଲାଗିବାକୁ ଥିବା ଲିଫ୍ଟର ଟେଣ୍ଡର ପ୍ରକ୍ରିୟା ସରି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ରେଳ ଷ୍ଟେସନରେ ଲିଫ୍ଟ ଲାଗି ପାରି ନଥିବାରୁ ବୈଠକରେ ଉଦ୍ବେଗ ପ୍ରକାଶ ପାଇଥିଲା । ଲିଫ୍ଟ ନ ଲାଗିବା ଦ୍ୱାରା ବରିଷ୍ଠ ନାଗରିକ ଓ ରୋଗୀମାନେ ଦୁଇ ଏବଂ ତିନି ନମ୍ବର ପ୍ଲାଟଫର୍ମକୁ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ବରିଷ୍ଠ ନାଗରିକ ଓ ରୋଗୀମାନଙ୍କ ପାଇଁ ଷ୍ଟେସନ ଭିତରେ ଏକ ବ୍ୟାଟିରୀଚାଳିତ ଗାଡିର ବ୍ୟବସ୍ଥା କରିବା, ବଲାଙ୍ଗିର-ଖୋର୍ଦ୍ଧା ରେଳ ପ୍ରକଳ୍ପ କାମ ଶୀଘ୍ର ସମାପ୍ତ କରିବା, ଦିଲ୍ଲୀକୁ ବଲାଙ୍ଗିର ଦେଇ ଟ୍ରେନ ଚଳାଇବା ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଏନେଇ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ବଲାଙ୍ଗିର ଲୋକସଭା ସାଂସଦ, ରାଜ୍ୟସଭା ସାଂସଦଙ୍କ ସମେତ ରେଳ ବିଭାଗର ଅଧିକାରୀଙ୍କୁ ବିଭିନ୍ନ ସମୟରେ ଲିଖିତ ଆକାରରେ ଦାବି ଜଣାଇଛି ସଂଘ। କିନ୍ତୁ, କୌଣସି ସୁଫଳ ମିଳି ପାରିନାହିଁ । ତେଣୁ ସଂଘ ଶେଷଥର ପାଇଁ ସମସ୍ତଙ୍କୁ ଭେଟିବା ସହ ଲିଖିତ ଆକାରରେ ଦାବି ଜଣାଇବ। ତିନି ମାସ ମଧରେ ଉପସ୍ଥାପନ କରାଯାଇଥିବା ଦାବୀ ଗୁଡିକ ରେଳ ବିଭାଗ ପୁରଣ ନକଲେ ସଂଘ ଆନ୍ଦୋଳକୁ ଓହ୍ଲାଇବା ସହ ରେଳ ଷ୍ଟେସନ ଭିତରେ ଧାରଣା ଦେବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ଆସନ୍ତା ମଇ ଶେଷ ସପ୍ତାହରେ ସଂଘର ସାଧାରଣ ପରିଷଦ ବୈଠକ କରାଯିବାକୁ ନିଷ୍ପତି ହୋଇଥିଲା ଏବଂ ଏହି ସାଧାରଣ ପରିଷଦ ବୈଠକରେ ନୂତନ ପ୍ରସ୍ତାବ ଗୁଡିକକୁ ସର୍ବସମ୍ମତି କ୍ରମେ ଗୃହିତ କରାଯିବ ବୋଲି ସଭାପତି ଶ୍ରୀ ମିଶ୍ର ଘୋଷଣା କରିଥିଲେ । ଏହି ବୈଠକରେ ସଂଘର ଉପସଭାପତି ଅଶୋକ କୁମାର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାକର ମିଶ୍ର, ମନରଂଜନ ପୁରୋହିତ, ଛବିଲାଲ ବେହେରା, ଯୁଧିଷ୍ଠିର ମିଶ୍ର, ଗୋପବନ୍ଧୁ ପୁରୋହିତ, ଧର୍ମପଦ ରଥ, ରୁତୁରାଜ ସିଂହ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। କୋଷାଧକ୍ଷ ଅଶୋକ କୁମାର ଚାନ୍ଦ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିବା ବେଳେ ସହସଂପାଦକ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମିବାଡ଼ି ବିବାଦରୁ ଓଏମ୍‌ଡିସି କର୍ମଚାରୀଙ୍କୁ ଗୁଳିକରି ହତ୍ୟା

ବଡ଼ବିଲ , ୯/୦୪ (ନି.ପ୍ର): ଜମିବାଡ଼ି ବିବାଦକୁ କେନ୍ଦ୍ରକରି କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଦାମୁହଟିଂରେ ଫୁଟିଛି ଗୁଳି । ଓଡ଼ିଶା ମିନେରାଲ୍ସ ଡେଭଲପମେଣ୍ଟ କର୍ପୋରେସନ (ଓଏମ୍‌ଡିସି) କର୍ମଚାରୀ ଦଲକି ବସ୍ତିର ଦୁଃଶାସନ ବାରିକ (୫୫)ଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି। ଦୁଃଶାସନଙ୍କ ମୁଣ୍ଡରେ ଦୁଇ ରାଉଣ୍ଡ ଗୁଳି ବାଜିଛି।

ଗତକାଲି ପୂର୍ବାହ୍ନରେ ଓଏମ୍‌ଡିସି କାର୍ଯ୍ୟାଳୟକୁ କାମ କରିବାକୁ ଯାଇଥିଲେ ଦୁଃଶାସନ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ରାତି ୧୦ଟା ବେଳେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ଆଜି ସକାଳେ ଦାମୁହଟିଂ ନିକଟ ବିଦ୍ୟୁତ୍ ଗ୍ରିଡ୍ ନିକଟରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦୁଃଶାସନଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ଶବ ଚିହ୍ନଟ କରିଥିଲେ। ଅତି ନିକଟରୁ ଦୁଃଶାସନଙ୍କ ମୁଣ୍ଡକୁ ଗୁଳି କରାଯାଇଥିବା ଜଣାପଡ଼ିଛି। ମୁଣ୍ଡରେ ଦୁଇଟି ଗୁଳି ବାଜିଥିବା ବେଳେ ପୁଲିସ ଘଟଣାସ୍ଥଳରୁ ୯ ଏମ୍ଏମ୍‌ର ଆଉ ଦୁଇଟି ଜୀବନ୍ତ ଗୁଳି ଉଦ୍ଧାର କରିଛି। ସେହିପରି ମୃତଦେହ ନିକଟରେ ଦୁଃଶାସନଙ୍କ ବାଇକ୍ ଏବଂ ତିନିଟି ବିଅର ବୋତଲ ପଡ଼ିଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟାକାଣ୍ଡରେ ଏକାଧିକ ଅଭିଯୁକ୍ତ ସାମିଲ ଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା ଆରମ୍ଭ କରିଛି। ବଡ଼ବିଲ ପୁଲିସ ମୃତଦେହ ଜବତ କରି ବଡ଼ବିଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ମୃତ ଦୁଃଶାସନଙ୍କ ପୁଅ ଯଶୋବନ୍ତ ବାରିକଙ୍କ ଏତଲାକୁ ଭିତ୍ତି କରି ବଡ଼ବିଲ ଥାନାରେ କେସ୍ ନମ୍ବର ୧୦୯/୨୦୨୩ ଦଫା ୩୦୨ରେ ମାମଲା ଏକ ମାମଲା ରୁଜୁ ହୋଇଛି। ଜମିବାଡ଼ିକୁ କେନ୍ଦ୍ରକରି ଘର ପାଖରେ ରହୁଥିବା ଭଉଣୀ, ଭିଣୋଇ ଏବଂ ଭଣଜାଙ୍କ ସହ ବିଭିନ୍ନ ସମୟରେ ଦୁଃଶାସନଙ୍କ ଝଗଡ଼ା ହେଉଥିଲା। ଏହାକୁ କେନ୍ଦ୍ରକରି ସେମାନେ ତାଙ୍କ ବାପାଙ୍କୁ ହତ୍ୟା କରିଥିବା ଯଶୋବନ୍ତ ଅଭିଯୋଗ କରିଛନ୍ତି। ପୁଲିସ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ପ୍ରକାଶ କରିଛନ୍ତି।

# ରାବଣ ପ୍ରତି ସଚେତନ ନହେଲେ ସମାଜ ଧ୍ୱଂସ ଆଡ଼କୁ ଯିବ

କେନ୍ଦ୍ରାପଡ଼ା, ୯/୦୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଚନ୍ଦନପୁର ପ ।ୟତର ନୀଳକଣ୍ଠପୁର ଚଉଦକୁଳାଟଠାରେ ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରଶାସନ ଓ ଆଧାତ୍ମିକ ଚେତନା କେନ୍ଦ୍ର ପକ୍ଷରୁ ଏକବିଂଶତମ ଚଉଦକୁଳାଟ ମହୋତ୍ସବ ଓ ରାବଣପୋଡି ଖଳାଅ ।ପଡିଆରେ ସାତ ଦିନ ବ୍ୟାପି ଅନୁଷ୍ଠିତ ହେବାପରେ ଗତକାଲି ରାତିରେ ଉଦ୍‌ଯାପିତ ହୋଇଛି। ଏହି ପରିପେକ୍ଷୀରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ବିଧାୟକ ଶଶୀଭୁଷଣ ବେହେରା ଯୋଗଦେଇ ରାବଣକୁ ପୋଡିଦେଲେ ରାବଣ ମରିଯାଏ ନାହିଁ ଆଜିର ସମାଜରେ ମଣିଷ ମଧରେ ରାବଣର ପ୍ରକୃତି ଓ ଚରିତ୍ର ଭରିରହିଛି। ଏହି ଭଳି ରାବଣ ପ୍ରତି ସଚେତନ ନହେଲେ ସମାଜ ଧ୍ୱଂସ ଆଡକୁ ଯିବ ବୋଲି ମତପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ମଧୁଛନ୍ଦା ମହାନ୍ତି, ରଶ୍ମିରଞ୍ଜନ ରାଉତ, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଗାଙ୍ଗପଡା ସରପଂଚ ଅଶ୍ୱିନୀ କୁମାର ପାତ୍ର, ଚନ୍ଦନପୁର ସରପଂଚ ରମାକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା କୁ ସମାଧାନ କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ଏହି ଉପଲକ୍ଷେ ଯଜ୍ଞ, ପାଲା ଓ ଭଜନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସାଧୁସନ୍ଥ ମାନଙ୍କଦ୍ୱାରା ପ୍ରବଚନ ଦିଆଯାଇଥିଲା। ଶେଷରେ ରାବଣ ନିର୍ମିତ କୁଶପତଳିକାରେ ମୁଖ୍ୟ ଅତିଥି ଅଗ୍ନି ସଂଯୋଗକରିଥିଲେ । ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି ସଭା ପରିଚାଳନା କରିଥିଲେ । କିଶୋର ଚନ୍ଦ୍ର ମିଶ୍ର, ମନୋରଞ୍ଜନ ଦାସ, ରଘୁନାଥ ମନ୍ଦିରର ସଭାପତି ପ୍ରଫୁଲ୍ଲ ଦାସ, ଦେବାଶିଷ ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ବନମାଳୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳରୁ

# ଆଠଗାଁଠାରେ ସନ୍ଥ ରବିଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବଲାଙ୍ଗୀର, ୯/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଆଠଗାଁ ରବିଦାସ ନଗର ଠାରେ ସନ୍ଥ ଶିରୋମଣି ରବି ଦାସଙ୍କ ଏପ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାଲିଙ୍ଗ ସନ୍ଥ ରବିଦାସଙ୍କ ବାଣୀ ଉଦ୍ଧାର କରିବା ସହିତ ସେ ଜଣେ ମହାନ ସମାଜ ସୁଧାରକ ଥିଲେ ବୋଲି କହିଥିଲେ। ଆଜି ମଧ ଦେଶରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି ବୋଲି ସେ କହିଥିଲେ। ଏହାସହିତ ରବିଦାସ ନଗରରେ ଏକ କମ୍ୟୁନିଟି ଗୃହ ନିର୍ମାଣ କରିବା ପାଇଁ ତାଙ୍କ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିବା ସହିତ ରାସ୍ତା ଉନ୍ନତିକରଣ, ପୋଖରୀ ପୁର୍ନଉଦ୍ଧାର, କୁଟୀର ଶିଳ୍ପକୁ ପ୍ରୋତ୍ସାହନ, ମହିଳା ସ୍ୱୟ ସହାୟିକା ଗୋଷ୍ଠିଙ୍କୁ ସହାୟତା ତଥା ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଅତିଥି ଭାବେ ପଂଚାୟତର ସରପଂଚ ସାଳୀନି ସେଠ, ସମିତି ସଭ୍ୟା ଅନିତା ସୁନା, ଓଡିଶା ରବିଦାସ ସମାଜର ରାଜ୍ୟ ଉପ ସଭାପତି ବିଜୟ ମେହେର, ଅଧାପକ ମଦନ ମୋହନ, ଶିକ୍ଷକ ମନୋଜ ଭରାସାଗରିଆ, ଅମିନ୍ଦ୍ର ମେହେର ଓ ଶ୍ରୀରାମ ମେହେର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗଜମଣୀ ବାଗ ପରିଚାଳନା କରିଥିଲେ। ଆଗାମୀ ଦିନରେ ଓଡିଶାର ସବୁ ରବିଦାସ ପରିବାର ବସବାସ କରୁଥିବା ପଡା ଓ ଗାଁମାନଙ୍କରେ ସନ୍ଥ ରବିଦାସଙ୍କ ପ୍ରତିମୂର୍ତି ସ୍ଥାପନ କରାଯିବା ସହିତ ସମାଜରେ ସାମାଜିକ ଚେତନା, କ୍ରାନ୍ତି , ଶିକ୍ଷାର ଉନ୍ନତି ଓ ବୈଷୟିକ ଉନ୍ନତି ଅଣାଯିବା ପାଇଁ ସମାଜ କାମ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଓଏମଡିସି ଖଣି କର୍ମଚାରୀଙ୍କୁ ଗୁଳିକରି ହତ୍ୟା

ବଲାଣି, ୯/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣି ସହର ବଡ଼ବିଲ ରେ ଘଟିଛି ଲୋମହର୍ଷଣକାରୀ ହତ୍ୟାକାଣ୍ଡ । ଜଣେ ବ୍ୟକ୍ତିଙ୍କୁ କୌଣସି ଦୃବୃର୍ତ ମୁଣ୍ଡରେ ଗୁଳି କରି ହତ୍ୟା କରିଥିବାର ଘଟଣା ସାମ୍ନାକୁ ଆସିଛି । ବଡ଼ବିଲ ପୌରାଂଚଳ ଓ୍ୱାର୍ଡ ନମ୍ବର ୧୫ ତଥା ବଡ଼ବିଲ ଥାନା ଅନ୍ତର୍ଗତ ଦାମୁ ହାଟିଂ ନିକଟସ୍ଥ ପଡିଆର ଏକ ଇଲେକ୍ଟ୍ରି ଟାଓ୍ୱାର ନିକଟରୁ ଏକ ମୃତ ଦେହ ଉଦ୍ଧାର କରିଛି ବଡ଼ବିଲ ପୋଲିସ । ଘଟଣା ସାମ୍ନାକୁ ଆସିବା ପରେ ଅଂଚଳରେ ଆତଙ୍କ ସୃଷ୍ଟି କରିଛି । ମୃତକଙ୍କ ମୁଣ୍ଡରେ ଅତି ନିକଟରୁ ଗୁଳି କରାଯାଇ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଛି। ମୃତକ ଜଣଙ୍କ ଓଏମଡିସି ଠାକୁରାଣୀ ଖଣିର କର୍ମଚାରୀ ତଥା ବଡ଼ବିଲ ଥାନା ଅନ୍ତର୍ଗତ ଦଲକି ବସ୍ତିର ବାସିନ୍ଦା ଦୁଃଶାସନ ବାରିକ ଓ ତାଙ୍କ ବୟସ ପାଖାପାଖି ୫୫ବର୍ଷ ବୋଲି ସୂଚନା ରହିଛି । ହତ୍ୟା କାଣ୍ଡର କାରଣ ସାମ୍ନାକୁ ଆସିନଥିବା ବେଳେ ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ତନାଘନା ଚଳାଇଥିବା ବେଳେ ଜିଲ୍ଲା ସାଇଂଟିଫିକ ଟିମ ପହଂଚି ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରୁ ଦୁଇଟି ଗୁଳିର ଖୋକା ଜବତ କରିଛି ପୁଲିସ । କୌଣସି ପ୍ରକାର ଘରୋଇ କଳିରୁ ହାତ୍ୟାକାଣ୍ଡ ଘଟିଥିବା କଥାକୁ ମଧ ଏଡାଇ ଦିଆଯାଇନପାରେ, ଏ ସବୁ ଦିଗକୁ ନଜରରେ ରଖି ବଡ଼ବିଲ ପୋଲିସ ତଦନ୍ତ ଚଳାଇଛି। ମୃତକଙ୍କ ପୁଅଙ୍କ କହିବା ଅନୁଯାୟୀ ତାଙ୍କ ବାପା ଗତ କାଲି ଡ୍ୟୁଟି ସାରି ସନ୍ଧ୍ୟାରେ ଘରକୁ ନ ଫେରିବାରୁ ଘର ଲୋକ ଦୁଃଶାସନଙ୍କୁ ଫୋନ୍ କରିଥିଲେ, ତାଙ୍କର ଫୋନ୍ ସୁଇଚଅଫ ଆସିଥିଲା ପରେ ଘରଲୋକ ବଡ଼ବିଲ ଥାନାକୁ ଖବର ଦେଇଥିଲେ ବଡ଼ବିଲ ପୋଲିସ ମଧ ରାତିସାରା ଖୋଜାଖୋଜି କରିଥିଲେ କିନ୍ତୁ ଦୁଃଶାସନଙ୍କ କୌଣସି ସୂଚନା ପାଇନଥିଲେ ଆଜି ସକାଳୁ ବଡ଼ବିଲ ପୋଲିସ ଦୁଃଶାସନଙ୍କର ମୃତଦେହ ଉଦ୍ଧାର କରିବା ସହ ଘଟଣା ସ୍ଥଳରୁ ୧୦୦ମିଟର ଦୂରରେ ତାଙ୍କର ମୋଟରସାଇକେଲ ଠାବ କରିଛି। ତେବେ ଜମିଜମାକୁ ନେଇ ତାଙ୍କର ନିକଟ ପରିବାରବର୍ଗ ଏହି ହତ୍ୟାକାଣ୍ଡ ଘଟାଇଥିବା ନେଇ ମୃତକଙ୍କ ପୁଅ ଅଭିଯୋଗ କରିଛନ୍ତି ।

# ଫୁଲବାଣୀର କାଳବୈଶାଖୀର ତାଣ୍ଡବ

କନ୍ଧମାଳ, ୯/୦୪ (ନି.ପ୍ର): ସମଗ୍ର କନ୍ଧମାଳ ଜିଲ୍ଲାରେ କାଳ ବୈଶାଖିର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବ ଜିଲ୍ଲା ସଦରମହକୁମା ଫୁଲବାଣୀରେ ଅଧିକ ହୋଇଛି। ଆଜି ଅପରାହ୍ନରେ ଫୁଲବାଣୀରେ ଭୀଷଣ ପବନ,ବିଜୁଳି ଘଡଘଡି ସମେତ ବର୍ଷା ମଧ ହୋଇଥଲା। ଫଳରେ ଫୁଲବାଣୀ ମୁଖ୍ୟ ବଜାରରେ ଡ୍ରେନ୍ ଗୁଡିକର ଆବର୍ଜନା ଏବଂ ନର୍ଦ୍ଦମା ପାଣି ସବୁ ରାସ୍ତା ଉପରକୁ ଆସିବା ଫଳରେ ରାସ୍ତା ରେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମୁଖ୍ୟ ବଜାରରେ ଥିବା ଡ୍ରେନ୍ ସବୁ ଲୋକେ କବଜାରେ ଥିବା ଏବଂ ସେଥିରେ ଅଧିକାଂଶ ହୋଟେଲ ଓ ଫାଷ୍ଟ ଫୁଡ୍ ଏବଂ ଅନ୍ୟାନ୍ୟ ଆବର୍ଜନା ପଡୁଥିବା ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରା ସହରର ମୁଖ୍ଯ ରାସ୍ତା ରେ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ଫୁଲବାଣୀର ମୁଖ୍ୟ ଜଳ ସ୍ରୋତ ପିଲାସାଲକୀ ନଦୀରେ ମଧ ସହରର ସମସ୍ତ ଆବର୍ଜନା ଏପରିକି କିଛି ଲୋକଙ୍କର ପାଇଖାନା ପାଣି ମଧ ଆସି ନଦୀ ପାଣିରେ ମିଶିଥିବା ଯୋଗୁଁ ନଦୀର ପାଣି ମଧ ଦୂଷିତ ହୋଇଛି। ଏଥିପାଇଁ ସହରରେ ଥିବା କିଛି ଏବଂ ନଦୀ କୂଳରେ ରହୁଥିବା କେତେ ଲୋକେ ସେମାନଙ୍କର ପାଇଖାନା ଓ ନର୍ଦ୍ଦମା ପାଣିକୁ ନଦୀରେ ଛାଡି ଥିବା ଯୋଗୁଁ ନଦୀର ପାଣି ଅତ୍ୟନ୍ତ ପ୍ରଦୂଷିତ ହେଉଛି। ଏପରି କିଛି ଲୋକେ ବର୍ଷା ହେଲେ ସେମାନଙ୍କ ପାଇଖାନାର ମଇଳାକୁ ନଦୀରେ ଛାଡି ଦେଉଛନ୍ତି ବୋଲି ସ୍ଥାନୀୟ ଡାକପାଲ ଓ ନଦୀ ପାଣିକୁ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଲୋକେ ଅଭିଯୋଗ କରିଛନ୍ତି।

# ଶ୍ରୀ ବଳଦେବଜୀଉଙ୍କ ସମ୍ପତି ଉପରେ ରାସ୍ତା ନିର୍ମାଣ ପାଇଁ ଚକ୍ରାନ୍ତ

କେନ୍ଦ୍ରାପଡ଼ା, ୯/୦୪ (ନି.ପ୍ର): କେନ୍ଦ୍ରାପଡା ଇଛାପୁର ଶ୍ୟାମଗୁଡିଆ ମୌଜାରେ ଥିବା ଶ୍ରୀ ବଳଦେବଜୀଉ ଙ୍କ ଭୂସମ୍ପତି ଉପରେ ରାସ୍ତା ନିର୍ମାଣ କରିବା ପାଇଁ ପ୍ରଶାସନ ଚକ୍ରାନ୍ତ କରୁଥିବାରୁ ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଛି। ଆରଡି ଅଫିସ ସାମ୍ନାରୁ ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ଥିବା ରାସ୍ତାକୁ ପ୍ରଶସ୍ତିକରଣ କରାଯିବ ବୋଲି ଯୋଜନା ପ୍ରସ୍ତୁତ ହୋଇଛି। ତେବେ ଏହି ରାସ୍ତାର ବାମ ପାର୍ଶ୍ୱରେ ବହୁ ସରକାରୀ ଜମି ଥିବାବେଳେ ଦକ୍ଷିଣ ପାର୍ଶ୍ୱରେ ଶ୍ରୀ ବଳଦେବଜୀଉଙ୍କ ଭୂସମ୍ପତି ରହିଛି । ଏହି ସରକାରୀ ଜମି ଉପରେ ବହୁ ବ୍ୟକ୍ତି ନିଜର ପୈତୃକ ସମ୍ପତି ଥିବାବେଳେ ସରକାରୀ ଜମିକୁ ଜବର ଦଖଲ କରି ରଖିଛନ୍ତି । ପ୍ରଶାସନ ସେମାନଙ୍କ ଖାତା ଖତିଆନ ତନଖି ନକରି ତାଙ୍କୁ ଭୂମିହୀନ ପଟା ଦେଇ ସରକାରୀ ଜମିରେ ରଖାଇଥିବାବେଳେ ରାସ୍ତା ପ୍ରଶସ୍ତୀ କରଣ ପାଇଁ ଶ୍ରୀ ବଳଦେବଜୀଉଙ୍କ ସମ୍ପତିକୁ ଅକ୍ତିଆର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି । ଶ୍ୟାମଗୁଡିଆ ମୌଜାରେ ଭୂମିହୀନଙ୍କୁ ଥଇଥାନ କରିବା ପାଇଁ ୬୦ଟି ଜମି ରହିଥିବା ବେଳେ ଶ୍ରୀ ବଳଦେବଜୀଉଙ୍କ ସମ୍ପତିକୁ ହଡପ କରିବା ଉଦ୍ୟମକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି । ଏହାକୁ ନେଇ ପରିଚାଳନା କମିଟିରେ ଆଗତ କରାଯାଇ ଥିବା ପ୍ରସ୍ତାବକୁ ବହୁ ସଭ୍ୟ ବିରୋଧ କରିଥିଲେ। ତେବେ ମନ୍ଦିର ପରିଚାଳନା କମିଟିରେ ଥିବା ସରକାରୀ କର୍ମଚାରୀମାନେ ଶ୍ରୀ ବଳଦେବଜୀଉଙ୍କ ସମ୍ପତି ସୁରକ୍ଷା କରିବା ବଦଳରେ ନାବାଳକ ଠାକୁରଙ୍କ ସମ୍ପତିକୁ ରାସ୍ତା ପାଇଁ ଅକ୍ତିଆର କରିବାକୁ ମସୁଧା କରୁଥିବାରୁ ବଳଦେବ ସେନାର ତୀବ୍ର ବିରୋଧ କରାଯାଇଛି। ଏଭଳି ହେଲେ ଭବିଷ୍ୟତରେ ଆଇ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ବଳଦେବ ସେନା ପକ୍ଷରୁ ପ୍ରେସ ବିବୃତି ମାଧମରେ ସୂଚନା ଦିଆଯାଇଛି।

# ବାଇକ, ମଦ ଛାଡି ଅଭିଯୁକ୍ତ ଚମ୍ପଟ

ଜୟପୁର, ୯/୦୪ (ନି.ପ୍ର): ଦେଶି ମଦ ଚାଲାଣ କରୁ ଥିବା ବେଳେ ଜୟପୁର ଅବକାରୀ ବିଭାଗର କର୍ମଚାରୀଙ୍କୁ ଦେଖି ମଦ ମାଫିଆ ଚମ୍ପଟ ମାରିଥିଲା। ଅବକାରୀ ବିଭାଗ ସୂଚନା ଅନୁଯାଇ ଦେଶି ମଦ ନେଇ ଜୟପୁରକୁ ଆସୁଥିବା ବେଳେ ସୂଚନା ପାଇ ଖ୍ରୀଷ୍ଟିଆନପେଟାରେ ଚଢାଉ କରିଛି ଅବକାରୀ ବିଭାଗ। ଅବକାରୀ ବିଭାଗର କର୍ମଚାରୀଙ୍କୁ ଦେଖି ମଦ ମାଫିଆ ବାଇକ ଓ ମଦ କୁ ଛାଡି ଚମ୍ପଟ ମାରିଥିଲା। ଘଟଣା ସ୍ଥଳରୁ ୭୦ ଲିଟର ଦେଶି ମଦ ଓ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ମାଇଁ ଏନସିସି ଆଲୁମିନି ଆସୋସିଏସନର ୬ଷ୍ଠ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା, ୯/୦୪ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାଇଁ ଏନସିସି ଆଲୁମିନି ଆସୋସିଏସନର ଷଷ୍ଠ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ମାଇଁ ଏନସିସି ଆଲୁମିନି ଆସୋସିଏସନ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ବିନ୍ଦୁମିତ୍ର ବଳ, ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଏନସିସି ବାଳିକା ବିଭାଗ କ୍ୟାପଟେନ ସୀମା ମହାନ୍ତି, ଏନସିସି ବାଳକ ବିଭାଗର ମେଜର ମନୋରଞ୍ଜନ ମହାନ୍ତି, ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ, ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ବହୁ ଅଧାପକ/ ଅଧାପିକାମାନେ ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତଦାନ ଏକ ମହତ ଦାନ ବୋଲି ମତବ୍ୟକ୍ତ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିର କଟକ କେନ୍ଦ୍ରୀୟ ରେଡକ୍ରସ ରକ୍ତଦାନ କେନ୍ଦ୍ର, ଓଡିଶା ବ୍ଲଡ ସେ ର, କେନ୍ଦ୍ରାପଡାଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।

# ଦୁଇ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୯/୦୪ (ନି.ପ୍ର): ଦୁଇ ଫେରାର ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ହାନାଗୁଡା ଅଶୋକ ହିୟାଲ (୨୮) ରାଜେନ୍ଦ୍ର ଟାକରି (୩୦) । ପୋଲିସ ସୂଚନା ଅନୁଯାଇ ହାନାଗୁଡାର ଅଶୋକ ହିୟାଲ (୨୮) ରାଜେନ୍ଦ୍ର ଟାକରି (୩୦)ଙ୍କ ନାମରେ ଜୟପୁର ଟାଉନ ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଦୁଇ ଅଭିଯୁକ୍ତ ଫେରାର ଥିବା ବେଳେ ଆଜି ଦୁଇ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# କୁରୁକ୍ଷେତ୍ର

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତାପରେ ଶୟନ କକ୍ଷକୁ ପଶି ଶୋଇଥିବା ବେଳେ ଧୃଷ୍ଟଦ୍ୟୁମ୍ନ ଏବଂ ପରେ ପାଣ୍ଡବ କୁମାରଙ୍କୁ ହତ୍ୟା କଲା । ଶେଷରେ ପ୍ରମାଣ ସ୍ୱରୂପ ପଂଚକୁମାର ମୁଣ୍ଡ ଦୁର୍ଯ୍ୟୋଧନକୁ ଦେଖାଇଲା । ଦୁର୍ଯ୍ୟୋଧନ କିନ୍ତୁ ଜାଣି ପାରିଲେ ଯେ ଏମାନେ ପାଣ୍ଡବ ନୁହଁନ୍ତି । ସେଇଠୁ ସେ ହାର୍ଟଫେଲ ହୋଇ ଦେହତ୍ୟାଗ କଲେ । ଅର୍ଥାତ ଦୁର୍ଯ୍ୟୋଧନ ମଧ୍ୟ ଚାହୁଁନଥିଲେ ପାଣ୍ଡବ ପଂଚ କୁମାର ମରିଯାନ୍ତୁ ।

ଅଶ୍ୱତ୍‌ଥାମା ବିଷୟରେ ଏତେ କଥା କହିବାର ତାତ୍ପର୍ଯ୍ୟ ଏଇୟା ଯେ ସେ ଥିଲା ଅତିମାତ୍ରାରେ ପ୍ରତିକ୍ରିୟାଶୀଳ । ବଦ୍‌ଲେ କୀ ଆଗ୍‌ର ଭାବନା ତା ସହ ଜଡ଼ିତ ଥିଲା । ପିତା ଦ୍ରୋଣାଚାର୍ଯ୍ୟଙ୍କ ଠାରେ ଯେପରି "ବଦ୍‌ଲେକୀ ଆଗ୍‌ର ଭାବନା ଥିଲା ଅଶ୍ୱତ୍‌ଥାମାର ମଧ୍ୟ ତାଠାରୁ ଅଧିକ ଥିଲା । ଯାହା ପାଣ୍ଡବ କୁଳକୁ ବିନାଶ କରିବା ପାଇଁ ଉତ୍ତରା ଗର୍ଭକୁ ବ୍ରହ୍ମାସ୍ତ୍ର ନିକ୍ଷେପ କରିଥିଲା । ତାକୁ ଏକ ବିନାଶକାରୀ ତଥା ବିକୃତ ମସ୍ତିଷ୍କ ସମ୍ପନ୍ନ ବ୍ୟକ୍ତି ବୋଲି ମଧ୍ୟ କୁହାଯାଇପାରେ । ଭଗବାନ ଶ୍ରୀକୃଷ୍ଣ ତାକୁ ଅଭିଶାପ ଦେଇ କହିଥିଲେ- ଯାଅ ଏଇଭଳି ରୁଗ୍‌ଣ ଅବସ୍ଥାରେ ହଜାର ହଜାର ବର୍ଷ ପାଇଁ ନର୍କରେ ବାସ କର ।

ତେବେ କୁରୁକ୍ଷେତ୍ର ବା ମହାଭାରତ ବିଷୟରେ ଆମେ ଏତେ କଥା ଜାଣିବା କାହିଁକି ? ଆପଣଙ୍କୁ ଯଦି ଦିବ୍ୟଦୃଷ୍ଟି ଦିଆଯିବ ଆପଣ ମଧ୍ୟ ଦେଖିବେ ଧର୍ମ ଓ ବିଜ୍ଞାନ ମଧ୍ୟରେ କିପରି ମହାଭାରତ ଚାଲିଛି ।

କଥାରେ ଅଛି Where Science ends religion begins. ବିଜ୍ଞାନ **virus** ଠାରେ **fail** ମାରିବ ଏବଂ ଧର୍ମ ସେଠାରେ ଆତ୍ମାରେ ଆରମ୍ଭ କରିବ । ଗୀତାର ବିଭୂତ ଯୋଗରେ ଅଛି ବିଦ୍ୟା ମଧ୍ୟରେ ଆଧାତ୍ମ ଅର୍ଥାଥ ଆତ୍ମଜ୍ଞାନ ଲାଭ ନକଲେ ଆମେ ଜାଣି ପାରିବା ନାହିଁ କିଏ ନିଜ ଆତ୍ମାରେ ରହି କାର୍ଯ୍ୟ କରୁଛି କିଏ ପ୍ରଭାବିତ ହୋଇ । ଦୁର୍ଯ୍ୟୋଧନ ଶକୁନି ଦ୍ୱାରା ପ୍ରଭାବିତ ହେଉଥିଲା । ସୁତରାଂ ମହାଭାରତ ଆମକୁ ଏଇ ଶିକ୍ଷା ଦିଏ ଆମେ ଏମିତି ଧର୍ମ ଆଚରଣ କରିବା ଯେଭଳି ଦୁଷ୍ଟ ଆତ୍ମା ଦ୍ୱାରା ପ୍ରଭାବିତ ନହେବା । ଅବଲୀଳା କ୍ରମେ କାର୍ଯ୍ୟ କରିଯିବା । ବ୍ୟଗ୍ରତା ଆମ ଦେହରେ ସ୍ଥାନ ପାଇବ ନାହିଁ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି – ଏ ତ୍ରିଲୋକରେ ମୋର କିଛି ଅପ୍ରାପ୍ତ ପ୍ରାପ୍ତ ନାହିଁ । ତଥାପି ମୁଁ କର୍ମ କରୁଛି । ଜଣେ ଯେତେ ଜ୍ଞାନୀ ହେଲେ ମଧ୍ୟ ନିଜକୁ ଯଦି କର୍ମରେ ବିନିଯୋଗ କରି ପାରିଲା ନିହଁ ତାଠୁ ଅଜ୍ଞାନ କେହି ନାହିଁ । ସୁତରାଂ ଆସନ୍ତୁ ଆମେ ଗୀତାକୁ ଆଉଥରେ ପଢ଼ିବା ଏବ ନିଜକୁ କର୍ମରେ ବିନିଯୋଗ କରିବା । କର୍ମ ହିଁ ଧର୍ମ । ସେଇ ଧର୍ମ ହିଁ ଆମକୁ ସ୍ୱର୍ଗର ବାଟ ଦେଖେଇଦେବ ।

+ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ,
ଓଡ଼ିଶା ସରକାର
ମୋ-୦୯୪୩୭୦୦୮୯୧୯/୮୦୧୮୭୩୮୮୪

# ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ନାରାୟଣ ପ୍ରସାଦ ଦାସଙ୍କ ଦେହାନ୍ତ



ବାଲେଶ୍ୱର, ୦୯/୦୪ (ନି.ପ୍ର): ଓଡ଼ିଶାର ନାଟ୍ୟକଳାର ବିଶିଷ୍ଟ ଯାତ୍ରା ନାଟ୍ୟକାର, ନାଟ୍ୟନିର୍ଦ୍ଦେଶକ, ସଙ୍ଗୀତକାର, ବାଦ୍ୟକାର, ରୂପକାର ନାରାୟଣ ପ୍ରଦାସ ଦାସଙ୍କର ୯୭ ବର୍ଷ ବୟସରେ ଶ୍ରୀଜଙ୍ଗ ସ୍ଥିତ ତାଙ୍କ ବାସଭବନରେ ଆଜି ତା ୦୯/୦୪/୨୩ ରିଖ ରବିବାର ଅପରାହ୍ନ ୧.୧୫ରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା କଳାକାର ଭତ୍ତା ପାଉଥିଲେ । ସେ ଉତ୍ତର ବାଲେଶ୍ୱର, ନୀଳଗିରି, ଔପଦା ଅଞ୍ଚଳ, ସ୍ଥାନୀୟ ବାଲେଶ୍ୱରର ବିଭିନ୍ନ ଗ୍ରାମାଞ୍ଚଳରେ ବିଶିଷ୍ଟ ଯାତ୍ରା ଉସ୍ତାଦ ଭାବେ ସୁପରିଚିତ ଥିଲେ ଏବଂ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରାପ୍ତ ହୋଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ବିଧବା ପତ୍ନୀ ସୁମତୀ, ଅନୁଜ ବାଣୀ ଶ୍ରୀ ପ୍ରଦୀପ୍ତ ଦାସ, ଜ୍ୟୋଷ୍ଠପୁତ୍ର ଜୀତେନ୍ଦ୍ର, ଜୀବନ, ଦିନେସ, ଗୌତମ, ଗଣେଶ, କନ୍ୟା ସଜନୀ, ଲାବଣ୍ୟ, ଛବି, ବେବି ଏବଂ ନାତି ନାତୁଣୀଙ୍କ ସହିତ ଗ୍ରାମର ବିଶିଷ୍ଟ ଗଣ୍ୟମାଣ୍ୟ ବ୍ୟକ୍ତି ଓ ଶିଶ୍ୟ କଳାକାରମାନେ ଉପସ୍ଥିତ ରହି ଶୋକ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଭାରତରେ ସଂକ୍ରମଣ...

ବେଳେ ଫ୍ରାନ୍ସରେ ୧୨୬, ଦକ୍ଷିଣ କୋରିଆରେ ୧୬୩, ବ୍ରିଟେନରେ ୪୬ ଓ ଆମେରିକାରେ ଏହି ସଂଖ୍ୟା ୭୫ ରହିଛି । ଏହାକୁ ଦେଖିଲେ ଭାରତର ସ୍ଥିତି ସବୁଠାରୁ ଭଲ ଥିବା କୁହାଯାଇ ପାରେ । କୋକିଲାବେନ ଅମ୍ବାନୀ ହସ୍ପିଟାଲର ଡାକ୍ତର ତନୁ ସିଙ୍ଘଲ କହିଛନ୍ତି, "ଆମେ ବର୍ତ୍ତମାନ ସଂକ୍ରମଣ ବଢୁଥିବା ଦେଖିବାକୁ ପାଉଛେ । ହସ୍ପିଟାଲରେ ମଧ୍ୟ ଲୋକମାନେ ଭର୍ତ୍ତି ହେଉଛନ୍ତି । କିନ୍ତୁ ସଂଖ୍ୟାକୁ ଦେଖିଲେ, ଅନ୍ୟ ଦେଶଗୁଡ଼ିକ ତୁଳନାରେ ଆମେ ଭଲ ସ୍ଥିତିରେ ରହିଛେ ।" କିନ୍ତୁ ତାଙ୍କ ମତରେ ସଂଖ୍ୟା କମ ଆସିବା ପଛରେ ଟେଷ୍ଟିଂର ଭୂମିକା ମଧ୍ୟ ରହିଛି । ଏବେ ଭାରତରେ ଅପେକ୍ଷାକୃତ କମ ଟେଷ୍ଟିଂ ହେଉଛି । ସମ୍ଭବତଃ ଏହି କାରଣ ପାଇଁ ସଂଖ୍ୟା ମଧ୍ୟ କମ ଆସୁଥାଇ ପାରେ ବୋଲି ସେ ମତ ରଖିଛନ୍ତି । ଲୋକମାନେ ଏବେ ନିଜ ଆଡୁ ଟେଷ୍ଟ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି । ଯେଉଁମାନେ ଟେଷ୍ଟ କରୁଛନ୍ତି, ସେମାନଙ୍କ ଶରୀରରେ ମଧ୍ୟମ ଧରଣର ଲକ୍ଷ୍ୟଣ ଦେଖାଯାଉଛି । ତେଣୁ ପୂର୍ବଭଳି ଟେଷ୍ଟିଂ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରିବାକୁ ପଡ଼ିବ ବୋଲି ଡାକ୍ତର ରାହୁଲ ପଣ୍ଡିତ କହିଛନ୍ତି । ବିଭିନ୍ନ ରାଜ୍ୟରେ ଟେଷ୍ଟିଂ କମ ହେଉଥିବାରୁ କେନ୍ଦ୍ର ସରକାର ଏହାର ସଂଖ୍ୟା ବୃଦ୍ଧି କରିବାକୁ କହିଛନ୍ତି । ବିଶେଷ କରି ରାପିଡ ଆଣ୍ଟିଜେନ ଟେଷ୍ଟ ବଦଳରେ ଆରଟିପିସିଆର ଟେଷ୍ଟ ସଂଖ୍ୟା ବୃଦ୍ଧି କରିବାକୁ କେନ୍ଦ୍ର ସରକାର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷଜ୍ଞଙ୍କ ମତରେ ଏବେ ସଂକ୍ରମଣ ବଢୁଥିବାରୁ ଲୋକମାନେ ଆତଙ୍କିତ ହେଉଛନ୍ତି । ଏହାର କାରଣ ହେଲା କରୋନା ଏକପ୍ରକାରର ଚାଲି ଯାଇଥିବା ସେମାନେ ଭାବୁଥିଲେ । ପୂର୍ବରୁ ଅନେକ ଦେଶରେ କରୋନା ସଂକ୍ରମଣ ରେକର୍ଡ କରାଯାଉଥିବା ବେଳେ ଭାରତରେ ବହୁତ କମ ଲୋକ ଆକ୍ରାନ୍ତ ହେଉଥିଲେ । ୨୦୨୨ ଜୁଲାଇ ସ୍ଥିତିକୁ ଦେଖିଲେ ମୁମ୍ବାଇ ଓ ଦିଲ୍ଲୀ ଭଳି ସହରରେ ଅଧିକ ଲୋକ ସଂକ୍ରମିତ ହେଉଥିଲେ । କିନ୍ତୁ ଲୋକମାନେ ଅଧିକ ଅସୁସ୍ଥ ହେଉ ନଥିଲେ କିମ୍ବା ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ି ନଥିଲା । ଏହି କାରଣରୁ ଲୋକମାନେ କରୋନାର ଭୟକୁ ଏକପ୍ରକାରର ଭୁଲି ଯାଇଥିଲେ । କିନ୍ତୁ ଏବେ ହଠାତ୍ ? ସଂକ୍ରମଣ ବଢ଼ିବାରୁ ଲୋକମାନେ ଆତଙ୍କିତ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି ।

# 'ମିଳିତ ନିଶା ନିବାରଣ ଅଭିଯାନ'ର ବାର୍ଷିକ ସମ୍ମିଳନୀ



ବାଲେଶ୍ୱର, ୦୯/୦୪ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ'(ମନା)ର ସପ୍ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଆତିଥ୍ୟ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ନିଶାମୁକ୍ତ ସମାଜ ପ୍ରତିଷ୍ଠା ନେଇ 'ମନା'ର ଆଭିମୁଖ୍ୟ ଓ କାର୍ଯ୍ୟଧାରା ପ୍ରଶଂସନୀୟ ବୋଲି କହିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ପାଇଁ ଜନମାନସ ପ୍ରସ୍ତୁତି ନିମନ୍ତେ ବ୍ୟାପକ ଆନ୍ଦୋଳନ, ସଚେତନତା ସହ ସତସଙ୍ଗ, କାଉନସେଲିଂ ଓ ମାତୃଶକ୍ତିର ଉତ୍‌ଥାନ ଉପରେ ଶ୍ରୀ ଷଡଙ୍ଗୀ ଗୁରୁତ୍ୱାରୋପ କରିଥିଲେ । ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶା ବିରୋଧୀ ସ୍ୱର ତୀବ୍ର କରିବା ସହ ନିଶାର ମୂଳକାରଣ ଖୋଜି ତାହାର ନିରାକରଣ ଆବଶ୍ୟକ ବୋଲି କହିଥିଲେ । ଉପଦେଷ୍ଟା ସୁବ୍ରତ କର ଓ ଡାକ୍ତର ଶ୍ରୀଶ କୁମାର ଦାଶ ଏଥିରେ ଯୋଗଦେଇ ଗ୍ରାମାଞ୍ଚଳରେ ସରକାରଙ୍କ ମଦ ଲାଇସେନସ୍ ପ୍ରଦାନ ବନ୍ଦ ନିଷ୍ପତିକୁ ସ୍ୱାଗତ ସହ ୧୯୫୬ ମସିହା ନିଶା ବିରୋଧି ଆଇନର ପୂର୍ଣ୍ଣ କାର୍ଯ୍ୟକାରୀତା ପାଇଁ ଦାବି ଉପସ୍ଥାପନ କରିଥିଲେ । ସଂଗଠନର ସଭାପତି ଆଇନଜୀବୀ ପ୍ରଭାକର ସାହୁ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ଏଥିରେ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ସଂଗଠନର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଏଥିରେ ଆୟବ୍ୟୟ ବିବରଣୀ ପେସ କରିଥିବା ବେଳେ ଉପ-ସଭାପତି ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ସମ୍ପର୍କରେ ସୂଚନା ଦେଇଥିଲେ । ନିଶା ବିରୋଧରେ ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିଥିବା ଜଳେଶ୍ୱରର 'ବ୍ରହ୍ମମୟ ସ୍ୱୟଂ ସହାୟିକା ଗୋଷ୍ଠୀ'କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ମଂଚ ଆହ୍ୱନ କରିଥିବା ବେଳେ କଲ୍ୟାଣୀ ନନ୍ଦ ଓ ସାଥୀ ନିଶା ବିରୋଧରେ ଜାଗରଣ ସଂଗୀତ ଗାନ କରିଥିଲେ । ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା ବେଦପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇମାମୀର ବରିଷ୍ଠ ଅଧିକାରୀ ମନୋଜ କୁମାର ପାଢ଼ୀ, ବ୍ଲକ ସ୍ତରର ପ୍ରତିନିଧି ଚିତ୍ତରଞ୍ଜନ ଦାସ, ଦିଲୀପ ଗିରି, ଭାରତୀ ପଣ୍ଡା, କୁମୁଦ ରଞ୍ଜନ ଗିରି, ସାବିତ୍ରୀ ଜେନା, କମଳାକାନ୍ତ ନାୟକ, ସୁକୁମାର ରଣା ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ୭ନଂ ୱାର୍ଡ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବଜରଙ୍ଗୀ-୧୧ ଚମ୍ପିଆନ ଘୋଷିତ

ବାଲେଶ୍ୱର, ୦୯/୦୪ (ନି.ପ୍ର): ସହର ଉପକଣ୍ଠ ପାତ୍ରପଡା ପଞ୍ଚାୟତର ଗବଗାଁ ଠାରେ ୭ନଂ ୱାର୍ଡ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଶନିବାର ରାତିରେ ଫ୍ଲଡ ଲାଇଟରେ ଖେଳା ଯାଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ଭାବେ ଯୁବନେତା ସରୋଜ କୁମାର ଲେଙ୍କା ଉଦଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସକ୍ରିୟ ସହଯୋଗ କରିଥିବା ସମସ୍ତଙ୍କୁ ସେ ଭୂୟସୀ ପ୍ରଶଂସା କରିଥିଲେ । ଗ୍ରାମାଞ୍ଚଳର ଉଦୀୟମାନ କ୍ରୀଡ଼ା ପ୍ରତିଭା ବିକାଶ ଦିଗରେ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ଲେଙ୍କା କହିଥିଲେ । ସିନ୍ଧିଆ ସରପଞ୍ଚ ବିଜୟ ମାଝୀ, ପୂର୍ବତନ ସମିତି ସଭ୍ୟ ନଗେନ୍ଦ୍ର ଭୂୟାଁ ଓ ସାମାଜିକ କର୍ମୀ ବିଜୟ କୁମାର ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସ୍ଥାନୀୟ ଅଂଚଳର ମା ଥାନେଶ୍ୱରୀ କ୍ଲବ, କୁଲ ଇଲେଭେନ, ମା ଗଡନାୟିକାଣୀ, ବଜରଙ୍ଗୀ ଇଲେଭେନ, କେ କେ ୱାରିଅର୍ସ, ବାଣେଶ୍ୱର ୱାରିଅର୍ସ ପଭୃତି ୬ଗୋଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ । ଏଥିରେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଦଳ ମଧ୍ୟରେ କ୍ରମାଗତ ଭାବେ ୬ ଓଭର ବିଶିଷ୍ଟ ୧୮ଟି ମ୍ୟାଚ ଖେଳାଯାଇଥିଲା । ଚକ୍ରଧର ବେହେରା ଓ କମଳ ରାଉତ ଏଥିରେ ଆମ୍ପାୟାର ଦାୟିତ୍ୱ ତୁଲାଇଥିଲେ ।

# ସିପିଆଇର ନିନ୍ଦା ଓ ପ୍ରତ୍ୟାହାର ଦାବି

ଭୁବନେଶ୍ୱର, ୦୯/୦୪ (ନି.ପ୍ର): କେନ୍ଦ୍ର ସରକାର ସୂଚନା ଓ ପ୍ରଯୁକ୍ତି ନିୟମାବଳୀର ସଂଶୋଧନ ଆଣିଛନ୍ତି । ଏହି ସଂଶୋଧନ ହେଲେ କେଉଁ ଖବର ପ୍ରସାରିତ ହେବ ତାହା ନିର୍ଦ୍ଧାରଣରେ ସରକାରଙ୍କ ନିରଙ୍କୁଶ କ୍ଷମତା ସରକାରଙ୍କ ଏକଛତ୍ରବାଦୀ ତାନାଶାହୀ ବ୍ୟବସ୍ଥାର ପ୍ରଣୟନ ସହ ଏହା କ୍ଷମତାଶାଳୀଙ୍କ କୁଶାସନ ବିରୋଧରେ ସମ୍ବାଦ ପରିବେଷଣ ଉପରେ ଅଙ୍କୁଶ ଲାଗିଯିବ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକମଣ୍ଡଳୀ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ବାଦ ପରିବେଷଣ ଏକ ମୌଳିକ ଅଧିକାର ହୋଇଥିବାବେଳେ ଏହା ଉପରେ ଅଙ୍କୁଶ ଲଗାଇବାକୁ ଦୃଢ଼ ନିନ୍ଦା କରାଯାଇଛି । ସରକାରଙ୍କ ସୂଚନା ପ୍ରଯୁକ୍ତି (ଇଂଟରମିଡିଆରୀ ଗାଇଡ଼ ଲାଇନ୍ ଆଣ୍ଡ ଡିଜିଟାଲ୍ ମିଡ଼ିଆ ଏଥିକସ କୋଡ୍) ସଂଶୋଧନ ନିୟମାବଳୀକୁ ପ୍ରତ୍ୟାହାର କରିବା ପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି । ସଂଶୋଧିତ ନିୟମାବଳୀରେ ଫ୍ୟାକ୍ଟ ଚେକିଙ୍ଗ୍ ୟୁନିଟ୍ ଗଠନ କରି ଏହା ଜରିଆରେ କେଉଁ ଖବର ମିଛ, ଜାଲ କିମ୍ବା ବିଭ୍ରାନ୍ତିକର ତାହା ଚୟନ କରିବାର ସମ୍ପୂର୍ଣ୍ଣ କ୍ଷମତା କେନ୍ଦ୍ର ସରକାର ନିଜର ହାତରେ ରଖିଛନ୍ତି । ଏହି ଫ୍ୟାକ୍ଟ ଚେକିଙ୍ଗ ୟୁନିଟ୍‌ର କୌଣସି ଭୂଲ ନିଷ୍ପତ୍ତି ହେଲେ ଏହା ବିରୋଧରେ ଅପିଲ ବ୍ୟବସ୍ଥା ନୂଆ ନିୟମାବଳୀରେ ନଥିବାରୁ ଏହା ଏକଛତ୍ରବାଦକୁ ପ୍ରୋତ୍ସାହିତ କରିବ । ସେହିପରି ବିଷୟବସ୍ତୁ ହଟାଇବା କିମ୍ବା ସୋସାଲ ମିଡିଆ ହ୍ୟାଣ୍ଡେଲକୁ ବ୍ଲକ କରିବା କ୍ଷମତା ସରକାରଙ୍କ ହାତରେ ରଖିବା ଦ୍ୱାରା ବିରୋଧୀଙ୍କ ସ୍ୱରକୁ ବନ୍ଦ କରିବାକୁ ଏହା ଉଦ୍ଦିଷ୍ଟ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି । ଏହି ସଂଶୋଧିତ ନିୟମାବଳୀ ପ୍ରତ୍ୟାହାର ପାଇଁ ସମସ୍ତ ଗଣତନ୍ତ୍ରପ୍ରେମୀ ଦଳ ଐକ୍ୟବଦ୍ଧ ହେବା ସହ ଓଡ଼ିଶା ସରକାର ଏହାକୁ ପ୍ରତ୍ୟାହାର ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି । ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଗଣମାଧମରେ ସରକାରଙ୍କୁ ସମାଲୋଚନା କରିବା ଦେଶଦ୍ରୋହ ନୁହେଁ ବୋଲି କୁହାଯାଇଥିବା ମନ୍ତବ୍ୟକୁ ନିରସ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଏକ ହୀନପ୍ରୟାସ ବୋଲି ସିପିଆଇ ପ୍ରତିବାଦରେ ଜଣାଇଛି । ଏହା ପ୍ରତ୍ୟାହାର ନହେଲେ, ସିପିଆଇ ପକ୍ଷରୁ ବ୍ୟାପକ ପ୍ରତିବାଦ ଓ ପ୍ରତିରୋଧ ଆନ୍ଦୋଳନ କରିବାକୁ ଚେତାବନୀ ଦେବା ସହିତ ସମସ୍ତ ଗଣତନ୍ତ୍ରପ୍ରେମୀ ଶକ୍ତି ଏହା ବିରୋଧରେ ଐକ୍ୟବଦ୍ଧ ପ୍ରତିରୋଧ ପାଇଁ ଆହ୍ୱାନ ଦେଇଛି । ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ବୈଠକରେ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଆଶିଷ କାନୁନ୍‌ଗୋ, କ୍ଷୀରୋଦ ସିଂହଦେଓ, ଡାକ୍ତର ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ ଓ ପ୍ରକାଶ ପାତ୍ର ସୁଚିନ୍ତିତ ମତ ଦେଇଥିଲେ ।

# ପ୍ରାଣୀଧନ ଚିକିତ୍ସା କାର୍ଯ୍ୟାଳୟ : ମୈତ୍ରୀ ଯୋଜନାରେ ନିଯୁକ୍ତିରେ ଅନିୟମିତତା, ଅଭିଯୋଗ

କେନ୍ଦ୍ରାପଡ଼ା, ୦୯/୦୪ (ନି.ପ୍ର): କେନ୍ଦ୍ରାପଡା ପ୍ରାଣୀଧନ ଚିକିତ୍ସାଳୟର ମୈତ୍ରୀ ଯୋଜନାରେ ଜିଲ୍ଲା ପ୍ରାର୍ଥୀଙ୍କୁ ଅଣଦେଖା କରାଯାଇ ଥିବା ଅଭିଯୋଗ ହେଇଛି । ଏହି ଯୋଜନାରେ ତାଲିମ ପ୍ରାପ୍ତ ଜିଲ୍ଲାର ପ୍ରାର୍ଥୀମାନେ ସୁଯୋଗ ପାଇ ନଥିବା ବେଳେ ବାହାର ଜିଲ୍ଲାର ପ୍ରାର୍ଥୀ ମାନଙ୍କୁ ଏହି ଯୋଜନା କାର୍ଯ୍ୟକାରୀ କରୁଥିବା ଏନଜିଓ ବାଏଫ୍ ସାକ୍ଷାତକାର ରେ ଚଂଚକତା କରି ନିଯୁକ୍ତି ଦେଇଥିବା ଅଭିଯୋଗ ହୋଇଛି । ଏନେଇ ପ୍ରଦୀପ କୁମାର ବରାଳ, ଶାରଦା ପ୍ରସାଦ ଦାସ, ଦିପ୍ତି ରଞ୍ଜନ ବରାଳ, ଜଗନ୍ନାଥ ବଳ ପ୍ରମୁଖ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଜିଲ୍ଲା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆନଗଲେ ଆଗାମୀ ଦିନରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ଚେତବନୀ ଦେଇଛନ୍ତି ।

# ନାଇକୁଡିରେ ବିଜେପି କର୍ମୀ ସମାବେଶ : ଦଳର ଆତ୍ମା ହେଉଛନ୍ତି କର୍ମୀ : ରଘୁନାଥ ମହାନ୍ତି



ଲଙ୍ଗଳେଶ୍ୱର, ୦୯/୦୪ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ନାଇକୁଡି ପଞ୍ଚାୟତର ନାଇକୁଡି ହାଟ ପଡ଼ିଆରେ ବିଜେପି କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି । ବିଜେପି ର ସରପଞ୍ଚ ପ୍ରାର୍ଥୀ ଯୁବନେତା ଖଗେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ତଥା ବସ୍ତା ନେତା ରଘୁନାଥ ମହାନ୍ତି ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ କିପରି ଭାବରେ ପରିଚାଳିତ କରିବା କେନ୍ଦ୍ରସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା କୁ ନେଇ ଘରକୁ ଘର ବୁଲି ଭୋଟରମାନଙ୍କୁ ସଚେତନ କରିବା ସହିତ ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାକୁ ଗୁରୁମନ୍ତ୍ର ଦେଇଥିଲେ ଦଳର ଆତ୍ମା ହେଉଛନ୍ତି କର୍ମୀ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ପୂର୍ବତନ ରେମୁଣା ର ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ବସ୍ତା ବ୍ଲକର ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ବାଲିଆପାଳ ବ୍ଲକ ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ଅଜୟ କୁମାର ସାହୁ, ନାରୀ ନେତ୍ରୀ ଶୋଭାନା ମହାନ୍ତି, ମାଳତୀ ନାୟକ, ରବିନ୍ଦ୍ର ଜୈନ, ପୂର୍ବତନ ଜିଲ୍ଲାପରିଷଦ ନବକୃଷ୍ଣ ଦାସ, କଇନଗିରି ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ, ସୂର୍ଯ୍ୟ ନାରାୟଣ ସାହୁ, ସାଉଡି ସରପଞ୍ଚ ଧରଣୀଧର ମଲ୍ଲିକ, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମଣ୍ଡଳ ସଭାପତି ରାଧା ପଙ୍କଜ ମଣ୍ଡଳ ଧନ୍ୟବାଦ୍ ଅର୍ପଣ କରିଥିଲେ । ରତ୍ନାକର ଜେନା, କାର୍ତ୍ତିକ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ସାନ୍ତରା,ବିଜୟ ସାମନ୍ତ, ମିଡ଼ିଆ ସଂଯୋଜକ ଦିବାକର ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## 'ଉତ୍କଳମଣି'ଙ୍କ ଜନ୍ମପୀଠ ପରିଦର୍ଶନ କଲେ ମଧୁସୂଦନ ସାଂସ୍କୃତିକ ପରିଷଦ ସଦସ୍ୟ


ବାଲେଶ୍ୱର, ୦୯/୦୪ (ନି.ପ୍ର): 'ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ'ବାଲେଶ୍ୱର ଶାଖାର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ୮ତାରିଖ ପୁରୀ ଜିଲା ସୁଆଣ୍ଡୋରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପରିଦର୍ଶନ କରିଛନ୍ତି । ଦୈନିକ ଖବରକାଗଜ 'ଆଜିକାଲି'ର ପରିଚାଳନା ସମ୍ପାଦକ ତଥା ପରିଷଦର ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସମେତ ୪୭ ଜଣ ସଦସ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଜନ୍ମପୀଠରେ ପହଞ୍ଚି ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ସେଠାରେ ଶ୍ରୀମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭୁବନେଶ୍ୱରରୁ ସୀତା ବଲ୍ଲଭ ମହାପାତ୍ର ମୁଖ୍ୟଅତିଥି ଭାବେଯୋଗ ଦେଇ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନୀ ଓ ସମାଜସେବା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଗୋପବନ୍ଧୁଙ୍କ ଅଣନାତି ରବୀନ୍ଦ୍ର ନାଥ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉତ୍କଳମଣିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ସୁଆଣ୍ଡୋ ଅଞ୍ଚଳର ଅଧ୍ୟାପକ ଶରତ ଚନ୍ଦ୍ର ରଥ, ପରିଷଦର ସମ୍ପାଦକ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେଯୋଗ ଦେଇ ଓଡ଼ିଶାବାସୀଙ୍କ ପ୍ରତି ଗୋପବନ୍ଧୁଙ୍କ ଅବଦାନ ସମ୍ପର୍କରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ ।

# ଜାତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା 'ବିନ୍ୟାସ -୨୦୨୩' ଉଦଯାପିତ




ବାଲେଶ୍ୱର, ୦୯/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ବାଲେଶ୍ୱରର ଇନଷ୍ଟିଚ୍ୟୁଟ ଅଫ ନେଚର କିୟର ଏଣ୍ଡ ଯୋଗିକ୍ ସାଇନ୍‌ସ ଦ୍ୱାରା ପରିଚାଳିତ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ପକ୍ଷରୁ ଚାଲିଥିବା ଦୁଇଦିନିଆ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତା 'ବିନ୍ୟାସ -୨୦୨୩' ଉଦଯାପିତ ହୋଇଯାଇଛି । ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟସ୍ତରୀୟ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଆୟୋଜକଙ୍କୁ ସାଧୁବାଦ ଓ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସୁସ୍ଥ ଓ ନିରୋଗ ଜୀବନଯାପନ ପାଇଁ ଦୈନନ୍ଦିନ ଜୀବନରେ ଯୋଗ ଓ ପ୍ରାଣାୟମକୁ ଆପଣେଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଶ୍ରୀ ଜେନା ସ୍ୱୟଂ ଯୋଗାଭ୍ୟାସ ପ୍ରଦର୍ଶନ ସହ ପ୍ରାତଃକାଳରେ ଯୋଗା ପ୍ରାଣାୟମ କରିବାକୁ ପରାମର୍ଶ ଦେଇଥିଲେ । କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାରୀରିକ ସୁସ୍ଥତା ସହିତ ମନକୁ ସ୍ଥିର ଏବଂ ଶାନ୍ତ ରଖିବା ପାଇଁ ଯୋଗ ପ୍ରାଣାୟମ ଏକାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ ।

# ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜିତ




ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ପୂର୍ବରୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଜନଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି ଆଇଆଇଏମ ସମ୍ବଲପୁର ସହଯୋଗରେ ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ଗଣଦୌଡ଼ ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ ପ୍ଲାକାର୍ଡ଼ ଧରି ଭାରତ ଜି-୨୦ ଅଧ୍ୟକ୍ଷତାକୁ ଜନସଚେତନତା ସୃଷ୍ଟି କରିଥିଲେ । ଅନ୍ୟପଟେ ଏନଆଇଟି ରାଉରକେଲା ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ମିନି-ମାରାଥନ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନଆଇଟି ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ସେହିପରି ଏନଆଇଟି ପରିସରରେ 'ଜାତୀୟ ଉଦ୍ୟମିତା ଶିଖର ସମ୍ମିଳନୀ ୨୦୨୩' ଆଜି ଉଦଘାଟିତ ହୋଇଯାଇଛି । ଜି-୨୦ ଜନଭାଗିଦାରୀର ଅଂଶବିଶେଷ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଉରକେଲା ମହାନଗର ଉପ ଆୟୁକ୍ତ ରୋନିତ କୁମାର ଉଦଘାଟନ କରିଥିଲେ । ଏହି ସମ୍ମିଳନୀରେ ଉଦ୍ୟୋଗୀମାନଙ୍କୁ ଭାରତର ଜି-୨୦ ଅଧ୍ୟକ୍ଷତାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ଉପରେ ସଚେତନ କରାଯାଇଥିଲା । ସେହିପରି ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନସିଇଆରଟି ପକ୍ଷରୁ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନେଇ କ୍ରିକେଟ, ଭଲିବଲ ଖେଳ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱରସ୍ଥିତ ସିପେଟ୍ ଆଇପିଟି ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ ।

# ଟ୍ରକ ଅଟୋ ଧକ୍କା, ୧ ମୃତ ୧ ଗୁରୁତର

କେନ୍ଦ୍ରାପଡ଼ା, ୦୯/୦୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଦୌତାରୀ ପାରାଦ୍ୱିପ ଜାତୀୟ ରାଜପଥର ବଳଭଦ୍ରପୁର ଛକଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ଅପରାହ୍ନ ୪ଟା ସମୟରେ ଏକ ଅଟୋରେ ଶ୍ରମିକ ନୃସିଂହ ଚରଣ ମଲିକଙ୍କ ପୁଅ ବିନୋଦ ମଲିକ ନିଜ ଘର ବାଲିଚନ୍ଦ୍ରପୁର ପଲେଇ ଗ୍ରାମକୁ ଫେରୁଥିବା ବେଳେ ଏକ ଟ୍ରକ ସହିତ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ବିନୋଦଙ୍କ ପେଟରେ ଏକ ଲୁହା ଆଙ୍ଗେଲ ପଶି ଯିବାରୁ ସେଠାରେ ସେ ମୃତ୍ୟୁବରଣ କରିଥିବାବେଳେ କାହ୍ନୁ ମଲିକ ଗୁରୁତର ଭାବେ ଆହତ ହୋଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

**AFFIDAVIT**

"BY, Virtue of an affidavit bearing no- 1165, Dtd. 15.10.2022 sworn before the Executive Magistrate, Basta, I Roma Mohanty W/O- Managobinda Mohanty Vill- Baunshamukha, PO/PS- Basta, Dist- Balasore, State- Odisha, I declare that my actual name is Roma Mohanty. Which is mentioned in my Aadhaar card, PAN Card & my husband's pension record But my voter ID card and a joint account of HDFC Bank, Balasore it was mentioned as Laxmi Rani Mohanty, Both are same and one Person.

**Sd/- Roma Mohanty**

